### ୩୬ ଘଣ୍ଟା ପରେ ବି କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ମିଳିଲାନି ସହାୟତା

# ଏଡିଏମ୍ ଓ ବିଡିଓଙ୍କୁ ଘେରିଲେ ଗ୍ରାମବାସୀ

**ବିଶୋଇ, ୨୨ ।୩(ସମିସ)**

ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ କୁଆପଥର ମାଡ଼ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହାର ପ୍ରଭାବରେ ବ୍ଲକର ଖଡ଼ମବେଡ଼ା ପଞ୍ଚାୟତର ୧୮ଟି ଗ୍ରାମର ୨୦୦ ଶହରୁ ଊର୍ଦ୍ଧ୍ୱ ପରିବାର ବାସହରା ହୋଇଥିବା ବେଳେ ୩୫ ଶହ ଲୋକ ପ୍ରଭାବିତ ହୋଇଛନ୍ତି। ଶୁକବାର କ୍ଷୟକ୍ଷତି ଦାବି କରି ଖଡ଼ମବେଡ଼ାଠାରେ ୭ ଘଣ୍ଟା ଧରି ୪୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ ଉତ୍ତ୍ୟକ୍ତ ଲୋକେ। ତେବେ ଘଟଣାର ୩୬ ଘଣ୍ଟା ପରେ ବି ମୂଷାମାରି, କେଶରଗାଡ଼ିଆ, ସାରସପଦା, ପୁଣ୍ଡିଦା ଗ୍ରାମରେ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଦିଆଯାଇ ନ ଥିବାରୁ ତୁମୁଳକାଣ୍ଡ ହୋଇଥିଲା। ବିପନ୍ନ ଲୋକେ ଦୁଇଦିନ ଧରି ଭୋକ ଉପାସରେ ଦିନ କାଟୁଥିବା ବେଳେ ପ୍ରଶାସନ ପକ୍ଷରୁ କେବଳ ଚୁଡା ଓ ଶୁଖିଲା ମୁଢି ଦିଆଯାଇଥିଲା। ଏହାକୁ ନେଇ ଶନିବାର ସାରସପଦା ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଗୃହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏଁ ପଲିଥିନ ପ୍ରଦାନ କରାଯାଇଥିଲା; ଯାହା ଘର ଢାଙ୍କିବା ସମ୍ଭବ ହୋଇନଥିଲା। ଗ୍ରାମବାସିଦା ଦୁଇ ଦିନ ଧରି କେବଳ ମୁଢି ଓ ଚୁଡା ଖାଇ ରହିଛନ୍ତି। ଆଜି ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ଗ୍ରାମର ସ୍ଥିତି ପରିଖିବା ପାଇଁ ଯାଇଥିବା ବେଳେ ଯଥାଶୀଘ୍ର ରନ୍ଧା ଖାଦ୍ୟ ଓ ଆବଶ୍ୟକତା କ୍ଷତିପୂରଣ ପାଇଁ ଦାବି କରି ତାଙ୍କୁ ଲୋକେ ଅଟକ ରଖିଥିଲେ। ଖବରପାଇ ବାରିପଦା ଏଡିଏମ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ; ହେଲେ ଲୋକେ ଜିଦ୍‌ରେ ରହି ଦୁଇ ଜଣ ପ୍ରଶାସନିକ ଅଧିକାରୀଙ୍କୁ ଦୀର୍ଘ ଘଣ୍ଟା ଧରି ଅଟକ ରଖିଥିଲେ। ପରେ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପାତ୍ର ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ। ସମସ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ନୂତନ ଆବାସ ସହିତ ଘର ମରାମତି ପାଇଁ ତୁରନ୍ତ ଆର୍ଥିକ ସହାୟତା, ପ୍ରତ୍ୟେକ ପରିବାରଙ୍କୁ ୫ଟି ଲେଖାଏଁ ପଲିଥିନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ରନ୍ଧାଖାଦ୍ୟ ଦିଆଯାଇଥିଲା। ଦିନରେ ଦୁଇ ଥର ରନ୍ଧାଖାଦ୍ୟ ଓ ଗୋଟିଏ ଥର ଶୁଖିଲା ଖାଦ୍ୟ ପ୍ରଦାନ କରାଯିବ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, କ୍ଷତିଗ୍ରସ୍ତ ପଞ୍ଚାୟତରେ ୧୪ଟି ଆଶ୍ରୟସ୍ଥଳୀ କରାଯାଇଥିବା ବେଳେ ୧୨ଟି ମେଡ଼ିକାଲ ଟିମ ନିୟୋଜିତ ଅଛନ୍ତି।



# ଦୁଇ ଦିନ ମଧ୍ୟରେ ଦିଆଯିବ ଆର୍ଥିକ ସହାୟତା: ମନ୍ତ୍ରୀ





**ବିଶୋଇ, ୨୨।୩ (ସମିସ):** ଗୁରୁବାର କାଳବୈଶାଖୀ ବର୍ଷା ଓ କୁଆପଥର ମାଡ଼ରେ ପ୍ରଭାବିତ ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତର ପ୍ରଭାବିତ ଗ୍ରାମରେ ଶନିବାର ବିଜେପି ଦଳର ବିଧାୟକ, ମନ୍ତ୍ରୀ ସମେତ ବିଜେଡି ନେତା ଏବଂ ପ୍ରଶାସନିକ ଅଧିକାରୀ ପହଞ୍ଚି ସ୍ଥିତି ପରଖିଛନ୍ତି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ୍ ହାଁସଦା, ଜିଲ୍ଲାପାଳ ହେମାକାନ୍ତ ସଏ, ଏସ୍.ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଏସ୍.ପି ଯଦୁନାଥ ଜେନା, ତହସିଲଦାର ସତ୍ୟବାନ ନାୟକ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମୂଷାମାରି, କେଶରଗାଡ଼ିଆ, ପୁଣ୍ଡିଦା ଗ୍ରାମ ପରିଦର୍ଶନ କରିଥିଲେ। ପ୍ରଭାବିତ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଆଗାମୀ ଦୁଇ ଦିନ ମଧ୍ୟରେ ଗୃହ ମରାମତି ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହିତ କ୍ଷୟକ୍ଷତି ଆକଳନ ପରେ ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ନୂତନ ଆବାସ ଗୃହ ଦେବା ପାଇଁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼.ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ସେହିପରି କାଳବୈଶାଖୀ ରାତିରେ ପ୍ରଭାବିତ ଗ୍ରାମରେ ବିଜେଡି ନେତା ଡାକ୍ତର ଦେବାଶିଷ ମାର୍ଣ୍ଡି ପହଞ୍ଚି ଆହତଙ୍କୁ ମେଡ଼ିକାଲ ପହଞ୍ଚାଇବାରେ ସହାୟତା କରିଥିଲେ। ଶନିବାର ପୁଣି ଡାକ୍ତର ଦେବାଶିଷ ମାର୍ଣ୍ଡିଙ୍କ ସହିତ ବିଜେଡିର ବରିଷ୍ଠ ନେତା ତଥା ପ୍ରାକ୍ତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲା ବିଜେଡି ସଭାପତି କାଶୀନାଥ ହେମ୍ବ୍ରମ ପ୍ରମୁଖ ଖଡ଼ମବେଡା ପଞ୍ଚାୟତର ବିଭିନ୍ନ ପ୍ରଭାବିତ ଗ୍ରାମ ଓ ଆଶ୍ରୟସ୍ଥଳକୁ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଘଟଣାର ଦୁଇ ଦିନ ପରେ ଲୋକଙ୍କୁ ରନ୍ଧାଖାଦ୍ୟ ମିଳିନଥିବାରୁ ପ୍ରଶାସନର ଅପରଗତାକୁ ଦାୟୀ କରିଥିଲେ। ଉଭୟ ନେତା ଉପଜିଲ୍ଲାପାଳ ଓ ବିଡ଼ିଓଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସମୀକ୍ଷା କରି କିପରି ଯଥାଶୀଘ୍ର ସମସ୍ତ ସରକାରୀ ସୁବିଧା କରାଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ।

## କାଳବୈଶାଖୀ ତାଣ୍ଡବ; ୧୦ କଚ୍ଚା ଓ ୩ଟି ପକ୍କାଘର କ୍ଷତିଗ୍ରସ୍ତ





**ଠାକୁରମୁଣ୍ଡା, ୨୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁଁ ପ୍ରବଳ ପବନ ଓ ବର୍ଷା ହେବାରୁ ୧୦ ଜଣଙ୍କ ଚାଳ ଛପର ଘର ଓ ୩ଟି ପକାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେନ୍ଦୁଜିଆଣି ଗ୍ରାମପଞ୍ଚାୟତ ଜଡିବେଡା ଗ୍ରାମର ଲାଲମୋହନ ମହାନ୍ତଙ୍କ କୁକୁଡ଼ା ଫାର୍ମର ଆଜବେଷ୍ଟ ସମ୍ପୂର୍ଣ୍ଣ ଉଡିଯାଇଛି। ସେହିପରି ସାତକୋଶିଆ ଅଞ୍ଚଳରେ ୨ଟି କଚା ଘର, ହାତୀଗୋଡାରେ ୩ଟି, ସାଲେଇବେଡା ୩ଟି, ସୁନାରି ପୋଷି ଗାଁର ୨ଟି, ତାଳପଦ ଗାଁର ୩ଟି ଘର ଉପରେ ଗଛ ପଡ଼ିଯିବାରୁ ଭାଙ୍ଗିଯାଇଛି। ତେବେ ବ୍ଲକର ୧୦ଟି କଚ୍ଛାଘର ଏବଂ ୩ଟି ପକାଘର ଆଂଶିକ ଭାବେ କ୍ଷୟକ୍ଷତି ହୋଇଥିବା ତହସିଲଦାରଙ୍କ ସୂତ୍ରରୁ ଜଣାପଡ଼ିଛି। ରାଜସ୍ୱ ନିରୀକ୍ଷକଙ୍କୁ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବା ପାଇଁ ତହସିଲଦାର ସମ୍ବିତ କୁମାର କର ପ୍ରକାଶ କରିଥିଲେ।

## କରଞ୍ଜିଆ ମହୋତ୍ସବ ପାଇଁ କମିଟି ଗଠିତ; ଉପଜିଲ୍ଲାପାଳ ସଭାପତି

**କରଞ୍ଜିଆ, ୨୨।୩(ସମିସ):** କରଞ୍ଜିଆ ମହୋତ୍ସବ ପାଇଁ ଏକ କମିଟି ଗଠିତ ହୋଇଛି। ଏ ନେଇ ଶନିବାର କମିଟିର ସଭାପତି ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ କର୍ଣ୍ଣାର୍ଜୁନ ସାହା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବିବରଣୀ ପାଠ କରିଥିଲେ। ପରେ ସଭାପତି ଚଳିତ ବର୍ଷ ପାଇଁ କମିଟି ଗଠନ ପାଇଁ ପ୍ରସ୍ତାବ ରଖିଥିଲେ। ଚଳିତ ବର୍ଷ ସଭାପତି ପାଇଁ କମିଟିରେ ସଭାପତି ଭାବେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ପ୍ରୋଗ୍ରାମ ଇନ୍ ଚିଫ ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ ରହିଲେ ଏବଂ ଉପ ସଭାପତି ଭାବେ ଡିଏଫ୍‌ଓ ଶ୍ରୀକାନ୍ତ ନାୟକ ଓ ଉପଖଣ୍ଡ ପୁଲିସ ଅଧିକାରୀ ନବରଞ୍ଜନ ନାୟକ ରହିଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ଓକିଲ ସଂଘ ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ସମ୍ପାଦକ ଭାବେ ରୋହିତ କୁମାର ପୃଷ୍ଟି, ଯୁଗ୍ମ ସମ୍ପାଦକ ପିପୁନ ସାହୁ, କୋଷାଧ୍ୟକ୍ଷ ଭାବେ ପ୍ରେସ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସହ କୋଷାଧ୍ୟକ୍ଷ ବିଜୟ କୁମାର ବାରିକ, ସଂଗଠନ ସମ୍ପାଦକ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ସେଠୀ, କାର୍ଯ୍ୟକ୍ରମ ସଞ୍ଚାଳକ ଉମା ଶଙ୍କର ଦାସ, ସଞ୍ଜୟ କୁମାର ଅଗ୍ରୱାଲା, ସମୀର ଓତା ଓ କବିତା ମହାନ୍ତଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଅତିଥି ସତ୍କାର ନିମନ୍ତେ ସରକାରୀ ଓକିଲ ଜଗ ମୋହନ ମହାନ୍ତ, ସୁରଜ ସିଂ, ମହେଶ୍ୱର ନାୟକ, ସୁଧୀର କୁମାର ଅଗ୍ରୱାଲା ଓ ନମିତା ଘଣ୍ଟିଆଲି ରହିଛନ୍ତି। ମୁଖପତ୍ର ମାଟିର ମହକର ମୁଖ୍ୟ ସମ୍ପାଦକ ତହସିଲଦାର ଓ ବେଦବ୍ୟାସ ଭୋଇଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ସମସ୍ତ କାର୍ଯ୍ୟ ତଦାରଖ ନିମନ୍ତେ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ଏପ୍ରିଲ ମାସ ୬ ତାରିଖରୁ ମହୋତ୍ସବ ଆରମ୍ଭ ହୋଇ ୯ ତାରିଖ ରେ ଶେଷହେବ। ମହୋତ୍ସବର ବାର୍ଷିକ ମୁଖପାତ୍ର ମାଟିର ମହକ ପ୍ରକାଶ ନିମନ୍ତେ ମୁଖ୍ୟ ସମ୍ପାଦକଭାବେ ଉମାଶଙ୍କର ଦାସଙ୍କୁ କର୍ଣ୍ଣାର୍ଜୁନ ସାହା ଓ ଦିବ୍ୟ ପ୍ରାସାଦ ସାହୁ ସାହଯ୍ୟ କରିବେ। ପୁଣି ସମ୍ବର୍ଦ୍ଧିତ ପ୍ରତିଭା ଚୟନ କମିଟିରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଚିତ୍ତ ରଞ୍ଜନ ମହାନ୍ତ, କର୍ଣ୍ଣାର୍ଜୁନ ସାହା, ଦିବ୍ୟ ପ୍ରସାଦ ସାହୁ ଉମାଶଙ୍କର ଦାସ ପିପୁନ ସାହୁ ଓ ସଞ୍ଜୟ କୁମାର ଅଗ୍ରୱାଲା ରହିଛନ୍ତି।

## ଲଗାଣବର୍ଷାରେ ୩ଟି ଦୋକାନରୁ ସାମଗ୍ରୀ ଚୋରି

**ବାରିପଦା, ୨୨।୧(ସମିସ):** କାଳବୈଶାଖୀ ପ୍ରଭାବରେ ଅଦିନିଆ ଲଗାଣ ବର୍ଷା ବେଳେ ବାରିପଦା ସହରର ୩ଟି ଦୋକାନରୁ ଚୋରି ହୋଇଛି। ଭଞ୍ଜପୁର ଥାନା ଅନ୍ତର୍ଗତ ବାଘଗଳିର ୨ଟି ଦୋକାନ ଓ ମଣ୍ଡଳ କାରାଗାର ସମ୍ମୁଖର ଗୋଟିଏ ଦୋକାନରୁ ଚୋରି ହୋଇଛି। ଏ ନେଇ ଭଞ୍ଜପୁର ଥାନାରେ ଅଭିଯୋଗ କରାଯାଇଛି। ରାତିରେ ଦୋକାନ ଥିବା ବେଳେ ଲଗାଣ ବର୍ଷା ଯୋଗୁଁ ରାସ୍ତାଘାଟ ଜନଶୂନ୍ୟ ରହିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ୩ଟିଯାକ ଦୋକାନରେ କଳାକନା ବୁଲାଇଛନ୍ତି।

## ରାଜ୍ୟ କଂଗ୍ରେସ ପ୍ରଭାରୀଙ୍କ ଜିଲ୍ଲା ଗସ୍ତ; ସଂଗଠନ ସୁଦୃଢ଼କୁ ଗୁରୁତ୍ୱ

**ବାରିପଦା, ୨୨ ।୩(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସର ନବନିଯୁକ୍ତ ପ୍ରଭାରୀ ଅଜୟ କୁମାର ଲାଲୁ ଶନିବାର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି। ଗସ୍ତ ଅବସରରେ ପ୍ରଥମେ ଦାନ୍ତିଆମୁହାଁଠାରେ ବରିଷ୍ଠ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ରଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ବାରିପଦାର ପାଲବଣି ଠାରେ ଯୁବ କଂଗ୍ରେସ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ସର୍କିଟ ହାଉସ ପରିସରରେ ପ୍ରଥମେ ଦିବଂଗତ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାସହିତ ଦୁଇଟିର ନିରବ ପ୍ରାର୍ଥନା କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ପ୍ରଭାରୀ ଶ୍ରୀ ଲାଲୁ କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ମହିଳା, ଯୁବ, ଛାତ୍ର କଂଗ୍ରେସର କର୍ମକର୍ତ୍ତା ଉପସ୍ଥିତ ଥିବା ବେଳେ ପ୍ରତିଟି କର୍ମକର୍ତ୍ତାଙ୍କ ସମେତ ସ୍ୱତନ୍ତ୍ର ଭାବେ ଆଲୋଚନା କରିଥିଲେ। ସଙ୍ଗଠନକୁ ମଜଭୁତ କରିବା ନେଇ ସମସ୍ତଙ୍କ ମତ ସଂଗ୍ରହ କରିଥିଲେ। ଏହାପରେ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ କରଞ୍ଜିଆ ଅଭିମୁଖେ ଗସ୍ତ କରିଥିଲେ। ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ସାଂସଦ ସୁଶୀଳା ତିରିଆ ସମେତ ଜିଲ୍ଲା କଂଗ୍ରେସର ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଡାକ୍ତରଖାନାରେ ତାଲା

**କୁଆମରା, ୨୨।୩(ସମିସ):** ଗୋପବନ୍ଧୁନଗର ବ୍ଲକ କୁଆମରା ଆଞ୍ଚଳିକ ଡାକ୍ତରଖାନାର ଡାକ୍ତର ଓ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର କରିବା ସହିତ ସଚେତନତା କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଦୁଇ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ହସ୍‌ପିଟାଲରେ ଲୋକେ ତାଲା ପକାଇ ଦେଇଥିଲେ। ଫଳରେ ସକାଳ ୭ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ଠପ୍ ହୋଇଯାଇଥିଲା। ତାଲା ପକାଇ ଆଶା କର୍ମୀମାନେ ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିଥିଲେ। ସେମାନଙ୍କୁ ପଞ୍ଚାୟତ ବିକାଶ ପରିଷଦ ସମର୍ଥନ କରିଥିଲା। ସୂଚନା ମୁତାବକ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ପାଲା ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ହେବାରଥିଲା। କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ଗ୍ରାମର ଦୁଇ ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ପହଞ୍ଚି ବାଧା ସୃଷ୍ଟି କରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଡାକ୍ତର ଓ କର୍ମଚାରୀ ଏବଂ ଆଶା କର୍ମୀ ବିରୋଧ କରିବାରୁ ଉକ୍ତ ଦୁଇ ଯୁବକ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏପରିକି ଜଣେ ଆଶା କର୍ମୀଙ୍କୁ ମଧ୍ୟ ସେମାନେ ଠେଲାପେଲା କରିଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ୨୪ ଘଣ୍ଟା ମଧ୍ୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାରେ ଅଭିଯୋଗ ହୋଇଥିଲା। ନଚେତ୍ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ମାତ୍ର ପୁଲିସ ୨୪ ଘଣ୍ଟା ମଧ୍ୟରେ ଶୁକ୍ରବାର ରାତିରେ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ସଞ୍ଜୟ ଦେହୁରୀଙ୍କୁ ଘରୁ ଉଠାଇ ନେଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକ ମଣ୍ଡଳ ଫେରାର ରହିଛି। ତେବେ କାର୍ତ୍ତିକଙ୍କୁ ଗିରଫ କରିବାକୁ ଜିଦ ଧରି ବସିଥିଲେ ଆନ୍ଦୋଳନକାରୀ। ଖବର ପାଇ ଖୁଣ୍ଟା ଆଇଆଇସି ପଞ୍ଚାନନ ମହାନ୍ତି ପହଞ୍ଚି ଆନ୍ଦୋଳନ କରିବା ସହିତ ଆଲୋଚନା କରିଥିଲେ। ମୁଖ୍ୟ ଅଭିଯୁକ୍ତକୁ ୫ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**ଆଇଆଇସିଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**



## ମୋବାଇଲ ଟାୱାର ଯନ୍ତ୍ରାଂଶ ଚୋରି

**ବାରିପଦା, ୨୨।୨(ସମିସ):** ପୁଣି ମୋବାଇଲ ଟାୱାରରୁ ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ଏସ ଆଣ୍ଡ ଆଇବି ସଂସ୍ଥା ପକ୍ଷରୁ କ୍ଷେତ୍ର ଅଧିକାରୀ ଶରତଚନ୍ଦ୍ର ହାଁସଦା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଡା ଅସ୍ତିଆ ଅଞ୍ଚଳରେ ଏକ ଟେଲିଫୋନ ଟାୱାର ରହିଥିବା ବେଳେ ସଂସ୍ଥା ପକ୍ଷରୁ ପରିଚାଳନା କରାଯାଉଛି। ତେବେ ଟାୱାରରେ ସମସ୍ୟା ସୃଷ୍ଟି ହୋଇଥିବାର ଖବର ପାଇ କର୍ମଚାରୀ ଟାୱାର ଯାଞ୍ଚ କରିଥିଲେ। ଟାୱାରର ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏହାର ମୂଲ୍ୟ ୧ ଲକ୍ଷ ୩୦ ହଜାର ହେବ। ଯାହାକୁ କମ୍ପାନୀ ନିର୍ଦ୍ଦେଶକ୍ରମେ ଯନ୍ତ୍ରାଂଶ ଚୋରି ବାବଦରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୁଲିସ ତଦନ୍ତ ଆରମ୍ଭ କରିଛି।









## ଲଗାଣ ବର୍ଷା ଯୋଗୁଁ ପର୍ଯ୍ୟଟକଙ୍କ ପାଇଁ ୨ ଦିନ ଶିମିଳିପାଳ ବନ୍ଦ

# ଭଞ୍ଜବସାରେ ସର୍ବାଧିକ ୭୩.୪୦ ମିମି ବୃଷ୍ଟିପାତ

ବାରିପଦା, ୨୨।୨(ସମିସ)



କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାବ୍ୟାପୀ ତତସହିତ ଶିମିଳିପାଳ ଅଭୟାରଣ୍ୟରେ ତୁହାକୁ ତୁହା ଲଗାଣ ବର୍ଷା ହୋଇଛି। ସ୍ୱଳ୍ପରୁ ଭାରି ଧରଣର ବର୍ଷା ଯୋଗୁଁ ଶନିବାର ଓ ରବିବାର ୨ଦିନ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିଛି। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଉପ ନିର୍ଦ୍ଦେଶକ ଡଃ ସମ୍ରାଟ ଗୌଡ଼ା ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଗୁରୁବାରଠାରୁ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ ଶୁକ୍ରବାର ଓ ଶନିବାର ବର୍ଷା ମାତ୍ରା ବୃଦ୍ଧି ପାଇଛି। ତେଣୁ ପାହାଡିଆ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ପର୍ଯ୍ୟଟକଙ୍କ ଚଳପ୍ରଚଳ ରୋକିବା ପାଇଁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ରାତ୍ରି ରହଣି ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲା ରହିଛି। ସୋମବାର ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରେ ବୃଷ୍ଟିପାତ ନେଇ ପାଣିପାଗ ବିଭାଗ ପକ୍ଷରୁ ୱାର୍ଣ୍ଣିଂ ଜାରି କରଯାଇଛି। ତେବେ ବୃଷ୍ଟିପାତର ସ୍ଥିତିକୁ ଦେଖି ଶିମିଳିପାଳ ଅଭୟାରଣ୍ୟକୁ ପର୍ଯ୍ୟଟକ ପ୍ରବେଶ ନିମନ୍ତେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଅଭୟାରଣ୍ୟ ମଧ୍ୟରେ ବୃଷ୍ଟିପାତ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ଦ୍ୱାରା ରିପୋର୍ଟ ପ୍ରଦାନ କରାଯାଇଛି। ରିପୋର୍ଟ ଅନୁସାରେ ଅଭୟାରଣ୍ୟର ଭଞ୍ଜବସାଠାରେ ସର୍ବାଧିକ ୭୩.୪୦ମିମି ବୃଷ୍ଟିପାତ ହୋଇଥିବା ବେଳେ ଠାକୁରମୁଣ୍ଡାରେ ସର୍ବନିମ୍ନ ୮.୮୯ ମିମି, ରାମତୀର୍ଥରେ ୫୯.୬୯ମିମି, ନୱଣାରେ ୩୭.୦୮ମିମି, ବରେହିପାଣିରେ ୫୦.୦୩୮ମିମି, ଚହଲାରେ ୩୦.୪ମିମି, ବାରିପଦାରେ ୫୦.୨୯୨ମିମି, ଡୁକୁରାରେ ୩୩.୭୨ମିମି, ପିଠାବଟା ୩୩.୨ମିମି, ବଡ଼ଗାଁରେ ୨୦.୫୭ମିମି, କେନ୍ଦୁମୁଣ୍ଡିରେ ୪୬.୯ମିମି, ଡୋଭାରେ ୧୨.୮ମିମି, ପୋଡାଡିହାରେ ୪୬.୨୨୮ମିମି, ଉପର ବାରାହାକାମୁଡ଼ାରେ ୨୩.୪ମିମି, ଜେନାବିଲରେ ୧୨.୭ମିମି, କୁଳିପାଳରେ ୨୨.୮୬ମିମି, କବାଟଘାଇରେ ୧୭.୦୧୮ମିମି ଓ ସାତକୋଶିଆରେ ୩୦.୪୮ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଏହି ବର୍ଷା ହେବା ଫଳରେ ଅଭୟାରଣ୍ୟ ଓ ଆଖପାଖ ବନଖଣ୍ଡରେ ଗତ ଫେବ୍ରୁଆରୀ ମାସରୁ ଉପୁଜିଥିବା ବନାଗ୍ନି ସ୍ଥିତିରେ ବ୍ରେକ ଲାଗିଛି। ବନାଗ୍ନି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହୋଇ ଜିରୋ ଫାୟାର ପଏଣ୍ଟ ରହିଛି। ଏହା ସହିତ ଶିମିଳିପାଳ ମଧ୍ୟରେ ତାପମାତ୍ରାରେ ବଡ଼ ପରିବର୍ତ୍ତନ ଘଟିଛି। ଗ୍ରୀଷ୍ମ ଅନୁଭୂତ ହେଉଥିବା ବେଳେ ବୃଷ୍ଟିପାତ ପାଇଁ ଥଣ୍ଡା ଅନୁଭବ ସମେତ କୁହୁଡି ପରିଲକ୍ଷିତ ହେଉଛି। ରାମତୀର୍ଥ ଓ ଗୁଡୁଗୁଡ଼ିଆରେ ୧୯ଡିଗ୍ରୀ, ବରେହିପାଣିରେ ୧୬ଡିଗ୍ରୀ, ଚହଲାରେ ୧୪ଡିଗ୍ରୀ, ନୱଣାରେ ୧୮ଡିଗ୍ରୀ ଓ କିଆଝରିରେ ୨୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବୃଷ୍ଟିପାତରୁ ବନ୍ୟଜନ୍ତୁ ଓ ଜଙ୍ଗଲ ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି।

## ଦୁଷ୍କର୍ମକାରୀକୁ ୫ ବର୍ଷ କାରାଦଣ୍ଡାଦେଶ

**ବାରିପଦା, ୨୨।୩(ସମିସ):** ମୟୂରଭଞ୍ଜ ଆଡହକ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଅଭିଯୁକ୍ତକୁ ୫ବର୍ଷର କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୩ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୪ ମାସର ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀ ଜଣକ ହେଲେ ଝାରପୋଖରିଆ ଥାନା ଅଧୀନ ଦିଘରିଷୋଲ ଗ୍ରାମର ରବି ମୁଣ୍ଡା (୩୨)। ଗତ ୨୦୧୫ ମସିହା ଅପ୍ରେଲ ୧୪ ତାରିଖ ୯ଟା ରାତିରେ ନାବାଳିକା ଜଣକ ତାଙ୍କ ମାଆ ସହିତ ଗ୍ରାମର ଅନ୍ୟ ଜଣକ ଘରକୁ ଟିଭି ଦେଖିବାକୁ ଯାଇ ରାତିରେ ୨ଟା ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ସେମାନଙ୍କୁ ଅଟକାଇ ଥିଲେ। ପରେ ତାଙ୍କ ମା'ଙ୍କୁ ଟଣାଓଟରା କରୁଥିବା ବେଳେ ନାବାଳିକା ଜଣକ ଠେଲାପେଲା କରିଥିଲେ। ଯାହାକୁ ନେଇ ଅଭିଯୁକ୍ତ ଜଣକ ନାବାଳିକାକୁ ବଳ ପୂର୍ବକ ଦୁଷ୍କର୍ମ କରିଥିଲା। ନାବାଳିକାକୁ ଉଦ୍ଧାର କରି ନ ପାରି ତାଙ୍କ ମା' ପାଟି କରିବାରୁ ଗାଁ ଲୋକେ ରୁଣ୍ଡହୋଇଥିଲେ। ଏହାକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଘଟଣା ବାବଦରେ ଗ୍ରାମବାସୀଙ୍କୁ ଜଣାଇଲେ ହତ୍ୟା କରିବା ନେଇ ଧମକ ଦେଇଥିଲା। ପରେ ନାବାଳିକାକୁ ଉଦ୍ଧାର କରାଯାଇ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ପୀଡିତାର ବୟାନ ରେକର୍ଡ କରିଥିଲା। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।



## ଟ୍ରାକ୍ଟର ଧକ୍କାରେ ଶିକ୍ଷୟିତ୍ରୀ ମୃତ

**ବାରିପଦା/କୁଆମରା, ୨୨।୩(ସମିସ):** ଏକ ପଥର ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ନବନିଯୁକ୍ତ ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷୟତ୍ରୀ ଜଣକ ହେଲେ ଉଦଳା ଥାନା ଅନ୍ତର୍ଗତ ଧନାପନା ଅଞ୍ଚଳର ଦେବସ୍ମିତା ବିନ୍ଧାଣି(୨୨)। ସେ ଖୁଣ୍ଟା ଥାନା ଅଧୀନ ସାନ ସାତଶୋଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ ଗତ ଅକ୍ଟୋବର ମାସରେ ଯୋଗଦେଇଛନ୍ତି। ଶନିବାର ସକାଳେ ଘରୁ ସ୍କୁଲକୁ ସ୍କୁଟି ଯୋଗେ ଆସୁଥିଲେ। ଗଜାମ ଛକରୁ ପାଟଶାଣୀପୁର ରାସ୍ତାର ମଲ୍ହାରପଦା ଛକ ନିକଟରେ ସକାଳ ସମୟରେ ତାଙ୍କ ସ୍କୁଟି ସହ ଟ୍ରାକ୍ଟରର ମୁହାଁମୁହିଁ ଧକ୍କା ହୋଇଥିଲା। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ପଥର ବୋଝେଇ ଟ୍ରାକ୍ଟର ଧକ୍କାରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଖୁଣ୍ଟା ଡାକ୍ତରଖାନା ପରେ ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରାକ୍ଟରକୁ ପୁଲିସ ଜବତ କରି ତଦନ୍ତ ଚଳାଇଛି।

## ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘର ସାଧାରଣ ବୈଠକ



**ବାରିପଦା, ୨୨।୩(ସମିସ):** ବାରିପଦା ପୌର ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବାର୍ଷିକ ସାଧାରଣସଭା ବୈଠକ ସଭାପତି ତାରାମଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀ ତୁଲ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ଦାବି କରାଯାଇଛି। ଦାବିଗୁଡିକ ହେଉଛି ପେନସନ୍ ବହି ପ୍ରଦାନ, ଏଯାଏଁ କାହାକୁ ଏହା ଦିଆଯାଇ ନାହିଁ, ବାକି ଥିବା ବକେୟା ପେନସନ ପ୍ରଦାନ, ସରକାରୀ କର୍ମଚାରୀ ପରି ଗ୍ରାଚ୍ୟୁଟି ପ୍ରଦାନ, ଅଷ୍ଟମ ବେତନ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ, ପୌର ପରିସର ମଧ୍ୟରେ ଏକ କାର୍ଯ୍ୟାଳୟ କୋଠରୀ ପ୍ରଦାନ, ଲାଇଭ ସାର୍ଟିଫିକେଟ ପ୍ରଦାନ ପ୍ରକ୍ରିୟାକୁ ଅନଲାଇନ କରିବା ଆଦି ରହିଛି। ସାଧାରଣ ସମ୍ପାଦକ ଉଜ୍ଜ୍ୱଳ ବେହେରା ବିଗତ ଦିନର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ନନ୍ଦକୁମାର ମହାପାତ୍ର ସାଙ୍ଗଠନିକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ହାଡିବନ୍ଧୁ ପଣ୍ଡା, ସହସମ୍ପାଦକ ଉମାକାନ୍ତ ଦେ, କୋଷାଧ୍ୟକ୍ଷ ଅନୁପ କୁମାର ଗିରି, ପଙ୍କଜ ମହାନ୍ତି, ଜଗନ୍ନାଥ ଆଚାର୍ଯ୍ୟ, ତରୁଣ ବାରିକ ପ୍ରମୁଖ ମତାମତ ଦେଇଥିଲେ।

## ପୂର୍ବତନ ସରପଞ୍ଚ ଅର୍ଜୁନ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ବଡସାହି, ୨୨।୩(ସମିସ):** ବଡସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସମାଜସେବୀ ସ୍ୱର୍ଗତ ଅର୍ଜୁନ ସୋରେନଙ୍କ ୮୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଅଗାଶୋଳ ଗ୍ରାମ ଛକରେ ତାଙ୍କର ଏକ ପ୍ରତିମୂର୍ତ୍ତି ତାଙ୍କ ସୁପୁତ୍ର ଇଞ୍ଜିନିୟର ଶ୍ରୀଧର ସୋରେନଙ୍କ ତତ୍ତ୍ୱାବଧାନରେ ଉନ୍ମୋଚନ ହୋଇଛି। ଜିଲ୍ଲା ପରିଷଦ ଅଧକ୍ଷ୍ୟା ଭାରତୀ ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ମାଝୀ ହାଡାମବାଡା ସୋରେନ, ସମ୍ମାନିତ ଅତିଥି ଭାବେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଭକ୍ତଚରଣ ଟୁଡୁ, ଆଇନଜୀବି ଜାସକାନ ମୁର୍ମୁ, ସୁନ୍ଦର ମୋହନ ମୁର୍ମୁ ଓ ଚୁନକା ହେମ୍ବ୍ରମ ପ୍ରମୁଖ ସ୍ୱର୍ଗତ ସୋରେନଙ୍କ ରାଜନୈତିକ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପାରମ୍ପରିକ ନୃତ୍ୟ ଓ ଢାବୁଲ ତାମସାର ତାଳେ ତାଳେ ଏକ ଶୋଭାଯାତ୍ରା ମାଧ୍ୟମରେ ପ୍ରତିମୂର୍ତ୍ତି ସ୍ଥଳକୁ ଅଣାଯାଇଥିଲା। ଏହି ଅବସରରେ ଏକ ଦିନିକିଆ ଅର୍ଜୁନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଲଧା ଫାଇନାଲ ଖେଳରେ ଚଳଧା ଦଳ ୧-୦ ଗୋଲରେ ଖଡିଶୋଳଯମୁନା ଦଳକୁ ହରାଇ ଚଳିତ ବର୍ଷ ଚମ୍ପିଆନ ହୋଇଛି। ଶେଷରେ ଅତିଥିମାନେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ରେଫରି ଭାବେ କିର୍ତ୍ତୀ ପାତ୍ର ଓ ଲାଇନ୍ସମ୍ୟାନ ଭାବେ କାଳିଚରଣ ସିଂଓ ଡାକ୍ତର ସିଂ ଖେଳ ପରିଚାଳନା କରିଥିଲେ। ସାଲଗେମଣି ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ଉତ୍ପାଦକ ସଂଘର କର୍ମଶାଳା




**ବାରିପଦା, ୨୨।୩(ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କ୍ଷେତ୍ରୀୟ ରାଜ୍ୟସ୍ତରୀୟ କୃଷକ ଉତ୍ପାଦକ ସଂଘର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ୟାମାଖୁଣ୍ଟା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଯୁଗ୍ମ ନିର୍ଦ୍ଦେଶିକା ଡ଼ଃ ଶ୍ରାବଣୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝରର ୧୦୦ଜଣ ଉତ୍ପାଦକ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। କୃଷି ଜିଲ୍ଲା ଅଧିକାରୀ ଜ୍ଞାନବଲ୍ଲଭ ଦାସ, ଯୋଜନା ଅଧିକାରୀଣି ମଧୁସ୍ମିତା ଜେନା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଅତିରିକ୍ତ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଲାଲମୋହନ ପାତ୍ର, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଆଲୋକ ନାଥ, ଜିଲ୍ଲା ସମବାୟ ନିବନ୍ଧକ କୃଷ୍ଣ ମୋହନ ଦାସ, ଏଲଡିଏମ ସୂର୍ଯ୍ୟନାରାୟଣ ମହାନ୍ତି, ଓରମାସ ସିଇଓ ବିମାନ ମଲ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ନାବାର୍ଡ ଡିଡିଏମ ସ୍ମାରକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ଼ଃ ସଂଘମିତ୍ରା ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡ଼ଃ ଜଗନ୍ନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରଙ୍ଗ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

**ବୈଶିଙ୍ଗା, ୨୨।୩(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥ ଆଗ୍ରିଆ ଛକରେ ଶନିବାର ଅପରାହ୍ଣରେ ଏକ ରଙ୍ଗବୋଝେଇ ପିକଅପ ଭ୍ୟାନ ଓଲଟିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଗାଡି ଚାଳକ ଏବଂ ଖଲାସୀ ଆହତ ହୋଇଛନ୍ତି। ସୂଚନା ମୁତାବକ, ଏକ ପିକଅପ ଭ୍ୟାନଟି ବାରିପଦାରେ ରଙ୍ଗନେଇ ଫେରୁଥିବା ସମୟରେ ଆଗ୍ରିଆ ଛକରେ ଅନ୍ୟ ଏକ ଗାଡି ସାଇଡ ମାରିଥିଲା। ଫଳରେ ପିକ୍‌ଅପ ଚାଳକ ନିୟନ୍ତ୍ରଣ ହରାଇ ଏକ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ଗାଡିଟି ଓଲଟି ପଡ଼ିଥିଲା। ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଭାବଗ୍ରାହୀ ମହାନ୍ତ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି।



## ଜେଆର୍‌ସି କାଉନ୍‌ସେଲରଙ୍କ ବ୍ଲକ୍‌ସ୍ତରୀୟ କର୍ମଶାଳା




**କପ୍ତିପଦା, ୨୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ଏକ ଦିବସୀୟ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ଯୋଗଦେଇ ନିଃସ୍ୱାର୍ଥପର ଭାବେ ସେବା କରିବା ପାଇଁ କାଉନସେଲରଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତିରଞ୍ଜନ ପାଣି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାଥମିକ ଚିକିତ୍ସା ସାଧନ କର୍ମୀ ସତ୍ୟନାରାୟଣ ଦାସ ପ୍ରାଥମିକ ଚିକିତ୍ସାର ବଞ୍ଚିବାର କୌଶଳ ପଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ କୃତୀ ଶିକ୍ଷକ ଡ. ଶଶିଧର ବିଶ୍ୱାଳ, ବିଶିଷ୍ଟ ପରିବେଶବିତ୍ ଡକ୍ଟର ରମାକାନ୍ତ ମହାନ୍ତ ପ୍ରମୁଖ ରେଡ଼କ୍ରସର ମୂଳ ମନ୍ତ୍ର ବିଷୟରେ ମତବ୍ୟକ୍ତ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଂଘରାଇ ମୂର୍ମୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଖୁଣ୍ଟା, ଉଦଳା, କପ୍ତିପଦା ଓ ଜିବି ନଗର ବ୍ଲକର କାଉନସେଲର ଅଂଶ ଗ୍ରହଣ କରିଥିଲେ।

## କାଳବୈଶାଖୀ କ୍ଷତିପୂରଣ ଦାବିକଲା ସିପିଆଇ

ବାରିପଦା, ୨୨।୩(ସମିସ): ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଯୋଗୁଁ ବାଙ୍ଗିରିପୋଷି, ବିଶୋଇ, ସାରସକଣା ଓ କୁଳିଅଣା ବ୍ଲକର ଅଧିକାଂଶ ଅଞ୍ଚଳରେ କୁଆପଥର ମାଡରେ ବ୍ୟାପକ କ୍ଷତି ହୋଇଛି। ତେଣୁ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ସିପିଆଇ ଦାବି କରିଛି। କ୍ଷତିଗ୍ରସ୍ତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା, ବିପନ୍ନଙ୍କୁ ସରକାରୀ ଶିବିରରେ ସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରଖିବା ସହିତ ସେମାନଙ୍କ ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ଯିବାର ଯତ୍ନ ନେବାରେ ଅବହେଳା ନ କରିବା ପାଇଁ ମିଳିତ ଭାବେ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସହ ସମ୍ପାଦକ ସାଥୀ ତ୍ରିନାଥ ପାତ୍ର, ହୃଷିକେଶ ସାହୁ, ବାଙ୍ଗିରିପୋଷି ଜୋନ୍ ସମ୍ପାଦକ ସାଥୀ ରଥ ସିଂ, ଶୁକୁରା ସିଂ, ସାରସକଣା ଜୋନ୍ ସମ୍ପାଦକ ବଳରାମ ମୁର୍ମୁ, ପରମେଶ୍ୱର ମହାନ୍ତ, ପ୍ରତାପ ନାଏକ, ବଳରାମ ମହାନ୍ତ, ସାରଥୀ ନାଏକ ଓ ଚିତ୍ର ମଣି ସିଂ ପ୍ରମୁଖ ଦାବି କରିଛନ୍ତି।

## ଜିଲ୍ଲା ସମୂହ ବରିଷ୍ଠ ନାଗରିକ ସଂଘର ନୂତନ କର୍ମକର୍ତ୍ତା



**ବାରିପଦା, ୨୨।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ସମୂହ ବରିଷ୍ଠ ନାଗରିକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ପୁଣିଥରେ ପ୍ରଦୀପ୍ତ କିଶୋର ପଣ୍ଡା, ଉପସଭାପତି ଭାବେ ମେଜର ରବୀନ୍ଦ୍ର ନାଥ ପରିଡ଼ା, ଯୋଗେନ୍ଦ୍ର ନାଥ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁନୀଲ କୁମାର ଦାଶ ଓ ଅନିତା ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଡ଼କ୍ଟର ଶ୍ୟାମସୁନ୍ଦର ଦାସ, ସମ୍ପାଦକ ଭାବେ ଘାସିରାମ ମହାନ୍ତ, ପ୍ରସନ୍ନ କୁମାର ପଣ୍ଡା, ରବୀନ୍ଦ୍ର ନାଥ ମିଶ୍ର, ଉପେନ୍ଦ୍ର ନାଥ ପୁହାଣ, ନିରୋଜ କୁମାର ପଣ୍ଡା ଏବଂ ସହଯୋଗୀ ସମ୍ପାଦକ ଭାବେ ରତ୍ନାକର ପାତ୍ର, କୋଷାଧ୍ୟକ୍ଷ ଭାବେ ହେମନ୍ତ କୁମାର ଦାଶ ନିର୍ବାଚିତ ହୋଇଛନ୍ତି। ବାରିପଦାରେ ଆୟୁର୍ବେଦିକ କଲେଜ ପାଇଁ ରାଜ ସରକାରଙ୍କର ଉଦ୍ୟମ ଆରମ୍ଭ ହୋଇଥିବାରୁ ମଞ୍ଚ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ତକତପୁରଠାରେ ବନ୍ଦ ହୋଇରହିଥିବା ପୁରୁଣା ଆୟୁର୍ବେଦିକ କଲେଜକୁ ପୁନଃ ପ୍ରଚଳନ ପାଇଁ ଅନୁରୋଧ କରାଯିବା ସହିତ ଶୀଘ୍ର ରସଗୋବିନ୍ଦପୁରଠାରେ ଅମର୍ଦ୍ଦାରୋଡ ବିମାନବନ୍ଦର ଜମି ଅଧିଗ୍ରହଣ ପାଇଁ ସରକାର ତତ୍ପର ହେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା। ଆସନ୍ତା ବାର୍ଷିକ ସମ୍ମିଳନୀ ଝାରପୋଖରିଆରେ ଅନୁଷ୍ଠିତ ହେବ ବୋଲି ବୈଠକରେ ସର୍ବସମ୍ମତ ମତ ଗୃହୀତ ହୋଇଥିଲା।

# ବିଶ୍ୱ ଜଳ ଦିବସରେ ଜଳ ସଂରକ୍ଷଣ ନେଇ ଶପଥ

ବାରିପଦା, ୨୨।୩(ସମିସ)

ଜଳ ପ୍ରାଣୀ ଜୀବନର ଏକ ଅତ୍ୟାବଶ୍ୟକ ସାଧନ। ଆଗାମୀ ଦିନରେ ବଞ୍ଚିବାକୁ ହେଲେ ଜଳ ସଂରକ୍ଷଣ ପ୍ରତି ଚିନ୍ତା କରିବାର ସମୟ ଉପନୀତ। ଗତ ୧୯୯୩ରୁ ମାର୍ଚ୍ଚ ୨୨ ତାରିଖକୁ ସାରା ବିଶ୍ୱରେ ଜଳ ଦିବସ ଭାବରେ ପାଳନ କରାଯାଉଛି। ଏହି କ୍ରମରେ ଏମପିସି ସ୍ୱୟଂଶାସିତ କଲେଜ ଭୂତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଛି 'ହିମ ନଦର (ଗ୍ଲାସିଅର) ସଂରକ୍ଷଣ'। କଲେଜ ଅଧକ୍ଷ ପ୍ର ପ୍ରମୋଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରେମ ବିନା ମଣିଷ ବଞ୍ଚି ଯାଇପାରେ ମାତ୍ର ଜଳ ବିନା ବଞ୍ଚିବା ଅସମ୍ଭବ ବୋଲି ଶ୍ରୀ ସାହୁ କହିଥିଲେ। ବିଷୟ ବିଶାରଦ ଭାବରେ ଭୂତଳ ଜଳ ଉନ୍ନୟନ ବିଭାଜିକା, ବାରିପଦାର ଭୂତତ୍ତ୍ୱବିତ ଡ. ଜ୍ୟୋତି ରଞ୍ଜନ ମିଶ୍ର ଯୋଗଦେଇ ଜଳ ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ଦିଗକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥିଲେ। ଶୈକ୍ଷିକ ମୁଖ୍ୟ ଡ. ଆଲବର୍ଟିନା ତିର୍କୀ, ପ୍ରଶାସନିକ ମୁଖ୍ୟ ଡ. ଦୀପକ କୁମାର ବେହେରା ବକ୍ତବ୍ୟ ରଖିଥିଲେ। ଛାତ୍ରୀ ମମତା ମହାନ୍ତ, ସ୍ୱାଗତିକା ରାଉତ ବିଷୟ ସମ୍ପର୍କରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଜଳ ସଂରକ୍ଷଣ ନେଇ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଡ. ଉତ୍ସବ ଦାସ, ନିବେଦିତା ଜେନା, ବିଶାଳ କର୍ମକାର, ରିତେଶ ମହାନ୍ତ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅଧ୍ୟାପିକା ସୁମନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



ସେହିପରି ସ୍ୱାର ଏବଂ ହେଇଫର ତରଫରୁ ବିଶ୍ୱ ଜଳ ଦିବସ ପାଳନ କରାଯାଇଛି। ବାରିପଦା ବ୍ଲକ ଅନ୍ତର୍ଗତ ହାତୀକୋଟ ଗ୍ରାମ ପଞ୍ଚାୟତରେ ଶନିବାର ଦିବସ ପାଳନ କରାଯାଇଛି। ଉକ୍ତ ସଭାରେ ସରପଞ୍ଚ ପିଡିଲି ସୋରେନ, ପଞ୍ଚାୟତ ସଭ୍ୟ ପୁରୁଷୋତ୍ତମ ସିଂ ଓ ରୋଟାରିଆନ ରାକେଶ ସିଂ ଯୋଗ ଦେଇ ଜଳର ମହତ୍ତ୍ୱ ନେଇ ଆଲୋଚନା କରିଥିଲେ। ଦିନକୁ ଦିନ ଜଳସ୍ତର ନିମ୍ନଗାମୀ ହେଉଥିବାରୁ ଏହାର କାରଣ ଏବଂ ନିରାକରଣ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଜଳ ଅପଚୟ ନ କରିବାର ଶପଥ ନେଇଥିଲେ। ଶେଷରେ ସ୍ୱାରର ପ୍ରକଳ୍ପ ନିର୍ଦ୍ଦେଶିକା ରୋହିମା ନିଶା ଧନ୍ୟବାଦ ଦେଇଥିଲେ।

## ବାରିପଦାରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ

**ବାରିପଦା, ୨୨।୩(ସମିସ):** କାଳବୈଶାଖୀ ପ୍ରଭାବରେ ବାରିପଦାରେ ରାଜ୍ୟର ସର୍ବାଧିକ ବୃଷ୍ଟିପାତ ହୋଇଛି। ଏନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ କଳାବୈଶାଖୀ ପ୍ରଭାବରେ ବର୍ଷା ଜାରି ରହିଛି। ତେବେ ବାରିପଦାରେ ସର୍ବାଧିକ ୧୨୩.୪ ମିମି ବର୍ଷା ରେକର୍ଡ ହୋଇଛି। ଶନିବାର ଦିନତମାମ ତୁହାକୁ ତୁହା ବୃଷ୍ଟିପାତ ହୋଇଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିଲା। ଜିଲ୍ଲାରେ ଆହୁରି ବୃଷ୍ଟିପାତ ହେବା ନେଇ ରବିବାର ମଧ୍ୟ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଜିଲ୍ଲା ପ୍ରଶାସନକୁ ଆଞ୍ଚଳିକ ପାଣିପାଗ ବିଭାଗ ସୂଚିତ କରିବା ସହ ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି।

### ଉଦଳା ଉପଖଣ୍ଡରେ ପୁଲିସ୍ ପ୍ରତି କମୁଛି ଲୋକଙ୍କ ଆସ୍ଥା ଓ ବିଶ୍ୱାସ

# ଚାଲିଛି ସିରିଜ୍ ଲୁଟ୍; ଅପରାଧୀଙ୍କ ଟାର୍ଗେଟ୍ ଛୋଟ ପରିବାର



ଉଦଳା, ୨୨।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଉପଖଣ୍ଡରେ ପୁଲିସ ପ୍ରତି ଲୋକଙ୍କ ବିଶ୍ୱାସ ତୁଟିବାରେ ଲାଗିଛି। ଏଠାରେ ପୁଲିସ ଏକପ୍ରକାର ଅସହାୟ ଅବସ୍ଥାରେ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ପୁଲିସବାହିନୀ ବିଭାଗରେ ସୀମିତ ହୋଇରହିଛି। ପୁଲିସ କାହିଁକି ସାଧାରଣ ଲୋକଙ୍କ ବିଶ୍ୱାସର ପାତ୍ର ହୋଇପାରୁନାହିଁ ସେ ନେଇ ଏବେ ସମ୍ପୃକ୍ତ ବିଭାଗର ଚିନ୍ତା କରିବା ସମୟ ଆସିଛି। ଯଦି ବର୍ତ୍ତମାନ ଏବଂ ଅତୀତ ଘଟଣାକୁ ଅନୁଶୀଳନ କରାଯାଏ, ତେବେ ପୁଲିସର ଅସଫଳ କାର୍ଯ୍ୟଧାରା ପ୍ରତି ଥିବା ଅଞ୍ଚଳବାସୀଙ୍କ ଅସନ୍ତୋଷର କାରଣ ବୋଲି କୁହାଯାଉଛି। ଉଦଳା ପୁଲିସ ଉପଖଣ୍ଡେରେ ଉଦଳା, କପ୍ତିପଦା, ଶରତ ଓ ଖୁଣ୍ଟା ଥାନା ଅଞ୍ଚଳ ରହିଛି। ଏହିସବୁ ଅଞ୍ଚଳ କେବଳ ଫାଇଲତଳେ ଚାପିହୋଇ ରହିଛି। ବର୍ତ୍ତମାନ ଏହି ଉପଖଣ୍ଡ ଅସାମାଜିକ ଏବଂ ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଛି। ଏଠାରେ ସିରିଜ ଲୁଟ୍‌ତରାଜ ଚାଲିଛି। ଏହାକୁ ପ୍ରତିରୋଧ କରିବାରେ ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। କିଛି ମାସ ମଧ୍ୟରେ ଏହି ସହରାଞ୍ଚଳରେ ସିରିଜ ଲୁଟ ହେବା ପରେ ଏବେ ଗ୍ରାମାଞ୍ଚଳକୁ ଟାର୍ଗେଟ କରିଛନ୍ତି ଅପରାଧୀ। କପ୍ତିପଦା ଥାନା ଇଲାକାରେ ଏବେ ଏହି ଲୁଟ ଜାରିରହିଥିବା ବେଳେ ଗତ ଶୁଡ଼ଶୁଡିଆ ଗ୍ରାମ ମଧ୍ୟ ସ୍ଥଳରେ ଏକ ଘରୁ ଅଭିନବ ଉପାୟରେ ଲୁଟ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଜଗନ୍ନାଥ ପାଣ୍ଡିଆଙ୍କ ପୁତ୍ରବଧୂ ରୁଚିରା ପାଣ୍ଡିଆଙ୍କ ଘରୁ ଲୁଟେରାମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ ମଧ୍ୟ ପୁଲିସ କାହାକୁ ଧରିବାରେ ସଫଳ ହୋଇନାହିଁ। ଅପରପକ୍ଷରେ ଗ୍ରାମାଞ୍ଚଳରେ ମଧ୍ୟ ମହିଳାଙ୍କୁ ଟାର୍ଗେଟ କଲେଣି ଅପରାଧୀ। ପୁଲିସ ସବୁଦିଗକୁ ନଜରରେ ରଖି ତଦନ୍ତ ଚଳାଇଛି ଏବଂ ଖୁବଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଛି। ବାସ୍ତବ କଥା ହେଲା ପୁଲିସ ଏହି ସିରିଜ ଘଟଣାକୁ ସେତିକି ଗୁରୁତ୍ୱ ଦେଉ ନ ଥିବା ଲୁଟର ଶିକାର ପରିବାର ଅଭିଯୋଗ କରିଆସୁଛନ୍ତି। ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମର ସହାୟତା ନେଇ ତଦନ୍ତକୁ ଜୋରଦାର କଲେ ମଧ୍ୟ ସେତେଟା ସଫଳ ପାଇପାରୁନାହିଁ। ପୁଲିସ କର୍ମଚାରୀ ଅଭାବ ଏବଂ ପାଟ୍ରୋଲିଂ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଏପରିକି ପୁଲିସ ଅଧିକାରୀମାନଙ୍କ ମନମୁଖୀ କାର୍ଯ୍ୟ ଏବଂ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ବିଳମ୍ବ ଯୋଗୁଁ ଲୋକେ ପୁଲିସ ପ୍ରତି ବିଶ୍ୱାସ କରୁନାହାନ୍ତି। ଏଣୁ ଉପରିସ୍ଥ ପୋଲିସ ଅଧିକାରୀ ଉଦଳା ଉପଖଣ୍ଡର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ସ୍ୱତନ୍ତ୍ର ମିଶନ କରି ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଗଣ ଦାବି କରିଛନ୍ତି।

## ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ




ବଡସାହି, ୨୨।୩ (ସମିସ): ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷର ୯୮ ଜଣ ଛାତ୍ରୀଙ୍କୁ ନେଇ ଏକ ଆତ୍ମସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ କୃପାସିନ୍ଧୁ ମହାକୁଡ ଶିବିରକୁ ଉଦଘାଟନ କରିଥିଲେ। ପ୍ରାଧ୍ୟାପକ ଡ. ଜୀବନ କୁମାର ପଣ୍ଡିତ, ଅଧ୍ୟାପକ ପାର୍ଥସାରଥୀ ବିଶ୍ୱାଳ, ଶିବିରର ସଂଯୋଜିକା ଅଧ୍ୟାପିକା ସନ୍ଧ୍ୟାରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ ଏହି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ସାମ୍ପ୍ରତିକ ସମାଜରେ ନାରୀମାନଙ୍କ ଉପରେ ଘଟୁଥିବା ଅତ୍ୟାଚାର ଓ ଶୋଷଣ ରୋକିବାକୁ ଆତ୍ମରକ୍ଷା କୌଶଳ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମାଷ୍ଟରଟ୍ରେନର ରଞ୍ଜିତା ସିଂ ତାଲିମ ଦେଇଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ବନ ଦିବସ ପାଳିତ

ବାରିପଦା, ୨୨।୩(ସମିସ): ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଡାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୟୁଥ୍ ଆଣ୍ଡ ଇକୋ କ୍ଲବ୍ ତରଫରୁ ଅନ୍ତର୍ଜାତୀୟ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ବନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ



କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ପ୍ରତାପ ଚନ୍ଦ୍ର ଧଡ଼ା, ମହେଶ ସେଠୀ, ଶିକ୍ଷୟିତ୍ରୀ ଦେବସ୍ମିତା ମହାନ୍ତ, ଅନିଶା ବେହେରା, ନିବେଦିତା ନାଏକ, ଲକ୍ଷ୍ମୀ କୁମାରୀ, ସୁମିତ୍ରା ତରେଇ, ମିଲି ମହାନ୍ତ, ପୁଷ୍ପାଞ୍ଜଳି ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା।

## ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ଜଙ୍ଗଲ ଦିବସ



ବୈଶିଙ୍ଗା, ୨୨।୩(ସମିସ): ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ଜଙ୍ଗଲ ଦିବସ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟତଃ ପାଣିପାଗ ପରିବର୍ତ୍ତନ, ଜୀବଜନ୍ତୁ ସୁରକ୍ଷା, ସର୍ବୋପରି ଜଙ୍ଗଲ ଦ୍ୱାରା ପ୍ରାଣୀମାନଙ୍କ ଖାଦ୍ୟ, ବାସଗୃହ, ଔଷଧ ଆବଶ୍ୟକତା ମେଣ୍ଟିଥାଏ ବୋଲି ଆଲୋଚନା ହୋଇଥିଲା। ଏହି ଅବସରରେ କୁଇଜ୍, ଚିତ୍ରାଙ୍କନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବାରିପଦା ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବିଶ୍ୱ ଜଙ୍ଗଲ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲା ବନଖଣ୍ଡ ଅଧିକାରୀ ଏ.ଉମା ମହେଶ, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ଅଗ୍ରୱାଲା ଏବଂ ଅନ୍ୟ ଅତିଥିଙ୍କଠାରୁ ପ୍ରଧାନଶିକ୍ଷକ ରଜତ କୁମାର ଦାଶ ମୟୂରଭଞ୍ଜ ଜିଲ୍ଲାର ବେଷ୍ଟ ଏଜୁକେସନାଲ ଇନଷ୍ଟିଚ୍ୟୁସନ ଭାବେ ପୁରସ୍କାର ରାଶି ଗ୍ରହଣ କରିଛନ୍ତି।

## ବିଶ୍ୱ କବିତା ଦିବସରେ ବସନ୍ତ କବିତା ଆସର



ବେତନଟୀ, ୨୨।୩ (ସମିସ): ବେତନଟୀର ସର୍ବପୁରାତନ ମୟୂର ସାହିତ୍ୟ ସଂସଦ ଆନୁକୂଲ୍ୟରେ 'ବସନ୍ତ କବିତା ଆସର' ସ୍ଥାନୀୟ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ସଭାପତିତ୍ୱ କରିବା ସହିତ ସମ୍ପାଦକ ଯତୀନ୍ଦ୍ରନାଥ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରେମ ଓ ଫଲଗୁର ମିଳନସ୍ୱରରେ ବସନ୍ତକୁ ସ୍ୱାଗତ ଶୀର୍ଷକ କବିମାନଙ୍କ କଲମ ମୁନରେ କବିତାଞ୍ଜଳି ପରିପୁଷ୍ଟ ହୋଇଥିଲା। କବୟିତ୍ରୀ ସବିତା ମହାନ୍ତି, ସୌଦାମିନୀ ପଣ୍ଡା, ଡଃ ମନ୍ଦାକିନୀ ସାହୁ, କବି ଗୌତମଚନ୍ଦ୍ର ବେହେରା ବାସୁଦେବ ନାପିତ, ପ୍ରିୟ ନାଥ ପାଣି, ମୀନକେତନ ମହାନ୍ତି, ରତିକାନ୍ତ ବେହେରା, ସହଦେବ ଗିରି, ଦୁର୍ଯ୍ୟୋଧନ ସିଂ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ



ବୈଶିଙ୍ଗା, ୨୨।୩(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ପଞ୍ଚାୟତ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଗ୍ଲେସିୟର ସଂରକ୍ଷଣ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗ୍ଲେସିୟରର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ବନ୍ଧରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ୍, ହରେକୃଷ୍ଣ ମହାନ୍ତ, ଶୁଭାଶିଷ ପଣ୍ଡା, ଶୁଭବନ୍ତ ନାୟକ ଓ ନିକି ନିତା ଜେନା ଜଳ ସଂରକ୍ଷଣ ପାଇଁ ସମସ୍ତେ ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ଜଳ ହିଁ ଜୀବନ ବିଷୟ ବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳତା ପାଇ ଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନବମ ଶ୍ରେଣୀ ଛାତ୍ର ଶୁଭଙ୍କର ବେହେରା ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀ ପ୍ରିୟଙ୍କା ଗିରି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନ ଉଦ୍‌ଘାଟିତ



କରଞ୍ଜିଆ, ୨୨।୩(ସମିସ): କରଞ୍ଜିଆରେ ଶୁକ୍ରବାର ମ୍ୟାଜିକ ବସ ଇଣ୍ଡିଆ ଫାଉଣ୍ଡଏସନ୍‌ର ଏକ ଶାଖା ପାଞ୍ଚପିଢ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, କରଞ୍ଜିଆ ବିଇଓ ତରୁ ନାଏକ, ଯଶିପୁର ବିଇଓ ଚତୁର୍ଭୁଜ ବାରିକ, ଡାକ୍ତର ସମୀର ରଞ୍ଜନ ବେହେରା, ଫାଉଣ୍ଡଏସନର ଆର୍‌ଡି ପଲ୍ଲବ କୁମାର, ଆସିଷ୍ଟାଣ୍ଟ ମ୍ୟାନେଜର ଅଜୟ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ଫାଉଣ୍ଡେସନ କରଞ୍ଜିଆ, ଠାକୁରମୁଣ୍ଡା, ଶୁକ୍ରୁଲୀ, ଯଶିପୁର, ଝୁମ୍ପୁରା ଓ କେନ୍ଦୁଝର ସଦର ଅଞ୍ଚଳର ୨୫୦ ବିଦ୍ୟାଳୟର ୮ ହଜାର ପିଲାଙ୍କ ଜୀବନ କୌଶଳ ଶିକ୍ଷା, ମୌଳିକ ଭାଷା ଓ ଗଣିତ ଶିକ୍ଷା ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଏହି ସଂସ୍ଥା ଦ୍ୱାରା ପଛୁଆବର୍ଗ ଛାତ୍ରଛାତ୍ରୀ ଉପକୃତ ହେବ ଏବଂ କେହି ଅଧାରୁ ପାଠପଢ଼ା ଛାଡିବେ ନାହିଁ ବୋଲି ଉପଜିଲ୍ଲାପାଳ କହିଥିଲେ। ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠୀ ସମେତ ସଂସ୍ଥାର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## କାଳବୈଶାଖୀ ପ୍ରଭାବରେ ୩ ଦିନହେଲା ଚାଲିଛି ବର୍ଷା

ବହଳଦା, ୨୨।୩(ସମିସ): କାଳବୈଶାଖୀ ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏହା ପ୍ରଭାବରେ ଗୁରୁବାର ଅପରାହ୍ନରେ ବହଳଦା ଅଞ୍ଚଳରେ ପ୍ରବଳ ଝଡ ତୋଫାନ ହୋଇଥିଲା। ଫଳରେ ବିଦ୍ୟୁତ ସରବରାହ ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟାହତ ହୋଇଥିଲା। କିଛି କିଛି ସ୍ଥାନରେ ଘର ଛପର ଉଡ଼ିଯାଇଥିବା ବେଳେ କିଛି ଜାଗାରେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। କାଳବୈଶାଖୀ ପ୍ରଭାବରେ ବହଳଦା ଅଞ୍ଚଳରେ ତିନିଦିନ ହେଲା ଘଡ଼ଘଡ଼ି ସହ ତୁହାକୁତୁହା ବର୍ଷା ଲାଗିରହିଛି। ବର୍ଷା ଯୋଗୁଁ ପନିପରିବା ଚାଷ ବିଶେଷ କ୍ଷତିଗ୍ରସ୍ତ ହୋଇଛି। କାଳବୈଶାଖୀ ଆହୁରି ୩/୪ ଦିନ ପର୍ଯ୍ୟନ୍ତ ହେବ ବୋଲି ପାଣିପାଗ ବିଭାଗ ୟେଲୋୱର୍ଣ୍ଣିଂ ଦେଇଥିବାରୁ ଲୋକେ ଆଶଙ୍କାରେ ରହିଛନ୍ତି।

## ଅଭିଯୁକ୍ତର ଗିରଫ ଦାବିରେ ଏସ୍‌ପିଙ୍କୁ ଦାବିପତ୍ର



ମୋରଡା, ୨୨।୩(ସମିସ): ଓଡ଼ିଶା ସୂଚନା ଅଧିକାର ଅଭିଯାନ ମୟୂରଭଞ୍ଜ ଶାଖା ଏବଂ ମୋରଡା ସଚେତନ ନାଗରିକ ତରଫରୁ ମୟୂରଭଞ୍ଜ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୋରଡା ଥାନା ଅଧୀନ ଜଗନ୍ନାଥ ମନ୍ଦିର ନିକଟରୁ ଗତ ୧୪ ତାରିଖରେ ଦୁଷ୍କର୍ମ ପରେ ହତ୍ୟା ମାମଲା ଏବଂ ହଳଦୀପାଳ ପଞ୍ଚାୟତର ସମାଇଡ଼ିହି ସୁବର୍ଣ୍ଣରେଖା କେନାଲ ଆଡିରେ ୧୭ ତାରିଖରେ ଉଲଗ୍ନ ମୃତଦେହ ଉଦ୍ଧାର ଘଟଣାର ଅଭିଯୁକ୍ତମାନେ ଏ ଯାଏ ଗିରଫ ହୋଇନାହାନ୍ତି। ଫଳରେ ମୋରଡ଼ା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ଦିନକୁ ଦିନ ବିଗିଡିବାରେ ଲାଗିଛି। ତେଣୁ ଏହି ଘଟଣାର ପର୍ଦ୍ଦାଫାସ କରିବା ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଆଗାମୀ ୭ ଦିନ ଭିତରେ ଗିରଫ କରିବା ଏବଂ ଲୋଧା ଉନ୍ନୟନ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ଦିଆଯାଇ ଗତ ଦୁଇ ବର୍ଷ ଭିତରେ କେତେଜଣ ଲୋଧା ମହିଳା ନିଖୋଜ ଅଛନ୍ତି ଏବଂ କେତେଜଣ ବାହାରକୁ କାମ କରିବାକୁ ଯାଇଛନ୍ତି ରିପୋର୍ଟ ଦାଖଲ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ଜିଲ୍ଲା ଆବାହକ ସନ୍ତୋଷ କୁମାର ମହାନ୍ତି, ଜିତେନ୍ଦ୍ର ମାର୍ଣ୍ଡି, ଦୟାନିଧି ମହାନ୍ତ, ଶୁକଦେବ ଦେହୁରୀ, କର ବେସ୍ରା, ସମୀର କୁମାର ମହାନ୍ତ, ଦୁଃଶାସନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନୀତା ୱିଲିୟମ୍ସଙ୍କୁ ଅଭିବାଦନ ଜଣାଇଲେ ଛାତ୍ରୀ



ରାଇରଙ୍ଗପୁର, ୨୨।୩(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ମହାକାଶଚାରୀ ସୁନୀତା ୱିଲିୟମ୍ସଙ୍କୁ ତାଙ୍କର ସଫଳତା ପାଇଁ କଲେଜର କର୍ମଚାରୀ ଓ ଛାତ୍ରୀମାନେ ସୁପର ସେଲ୍ୟୁଟ କରିବା ସହିତ ଅଭିବାଦନ ଜଣାଇଥିଲେ। ଆୟୋଜିତ ଏକ ସଭାରେ ରାଇରଙ୍ଗପୁର ସପ୍ଲାଇ ଅଫିସର ନୀତିକା ନାୟକ ଯୋଗ ଦେଇ ଛାତ୍ରୀମାନଙ୍କୁ ସୁନୀତା ୱିଲିୟମ୍ସର ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଆବାହକ ବିଜୟ ରାମ କାର୍ଯ୍ୟକ୍ରମ କରିଥିଲେ। ଅଧ୍ୟାପିକା ସେବତୀ ବେହେରା, ତିଲୋତ୍ତମା ଷଡ଼ଙ୍ଗୀ, ଡକ୍ଟର ରାଜେନ୍ଦ୍ର ମଣ୍ଡଳ, ଅବନୀ ନାୟକ, ଦଶରଥ ଗୋରାଇ, ଅନୀତା ସମଦ, ରାଜଶ୍ରୀ ନାୟକ ସମେତ ବହୁ ଛାତ୍ରୀ ଉପସ୍ଥିତ ଥିଲେ।

### ସାଲେଇ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ

ରାଇରଙ୍ଗପୁର/ତିରିଂ, ୨୨।୩(ସମିସ): ସୀମାନ୍ତ ତିରିଂ ବ୍ଲକ ଅଞ୍ଚଳ ସାଲେଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନନ୍ଦ କିଶୋର ସରଦାର ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଛିତା ମାର୍ଣ୍ଡି, ସହକାରୀ ଶିକ୍ଷକ ସତ୍ୟରଞ୍ଜନ ସେଠୀ ଯୋଗଦେଇ ଜଳ ହିଁ ଜୀବନ ବୋଲି ଛାତ୍ରଛାତ୍ରୀଙ୍କୁ କହିଥିଲେ।

## ବାଛୁରୀପଡ଼ା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



ପୁରୁଣିଆ, ୨୨।୩(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତ ବାଛୁରୀପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆରସିସି ଶୈଳେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଯୋଗଦେଇ ଭାରତର ଗୁରୁ ଶିଷ୍ୟ ପରମ୍ପରାର ଗୌରବଶାଳୀ ଇତିହାସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧିରେନ୍ଦ୍ର କୁମାର ସାହୁ ଓ ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ମଞ୍ଜରୀ ପରିଡ଼ା ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀସେନ ବାରିକ ଅତିଥି ପରିଚୟ ଓ ନୂଆଗାଁ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବଡ଼ଗାଁ ମାସ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ରାଇରଙ୍ଗପୁର, ୨୨।୩(ସମିସ): ରାଇରଙ୍ଗପୁର ବ୍ଲକ ସାନପାଖନା ପଞ୍ଚାୟତ ଅନ୍ତର୍ଗତ ବଡଗାଁ ଗ୍ରାମ ସ୍ଥିତ ମାସ୍ ପବ୍ଲିକ ସ୍କୁଲର ୨ୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ସାନପାଖନା ଗ୍ରାମ ପଞ୍ଚାୟତ ସରପଞ୍ଚ ସାଉନା ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସୁନାଗରିକ ହେଲେ ଦେଶ ସମୃଦ୍ଧ ହେବ ବୋଲି ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ଗୁରୁପ୍ରସାଦ ମହାକୁଡ ଶୃଙ୍ଖଳିତ ତଥା ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଚୈତନ୍ୟ ପ୍ରସାଦ ମହାନ୍ତ ଆଧୁନିକ ଯୁଗର ପବ୍ଲିକ ସ୍କୁଲ ତଥା କମ୍ପ୍ୟୁଟର ଶିକ୍ଷା ବିଷୟରେ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ବସନ୍ତ କୁମାର ଆଚାର୍ଯ୍ୟ, ଡିଗ୍ରୀ କଲେଜର ଶିକ୍ଷକ ପ୍ରୋମଦ କୁମାର ତନ୍ତୀ, ଶିକ୍ଷୟିତ୍ରୀ ଇରାବତୀ ମାର୍ଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତପସ୍ୱିନୀ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟି ପାତ୍ରରେ ପଖାଳ ଖାଇ ଝୁମିଲେ ସଂସ୍କୃତିପ୍ରେମୀ

ରାଇରଙ୍ଗପୁର, ୨୨।୩(ସମିସ): ରାଇରଙ୍ଗପୁର ପିସିଏମ କଲ୍ୟାଣୀ ମଣ୍ଡପରେ ବାମନଘାଟୀ ସଂସ୍କୃତିକ ପରିଷଦ ତରଫରୁ ବିଶ୍ୱ ପଖାଳ ଦିବସ



ପାଳିତ ହୋଇଯାଇଛି। ସାରସତ୍ୱ ସାଧକ ରଞ୍ଜନକୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅତିଥି ଭାବେ ବାମନଘାଟୀ ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଦେବବ୍ରତ ମହାପାତ୍ର, ବିଶିଷ୍ଟ ସମାଜସେବୀ ଗୋଲକ ବିହାରୀ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପରିଷଦର ଆବାହକ ଓ ସମ୍ପାଦକ ସୌରଭ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅଭିନେତା ଉତ୍ତମ ମହାନ୍ତି, ଗୀତିକାର ସଂଗ୍ରାମ ମହାନ୍ତି, କରୁଣାକର ଦାସ, ବୃନ୍ଦାବନ ଜେନାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସ୍ମୃତିଚାରଣ କରାଯାଇଥିଲା। ଏହି ଉପଲକ୍ଷେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ଚିତ୍ରଶିଳ୍ପୀ ଶରତ କୁମାର ଦାସ, ବରିଷ୍ଠ କଣ୍ଠଶିଳ୍ପୀ ନିୟତି ମହାନ୍ତି, ବରିଷ୍ଠ ବାଦ୍ୟ ଯନ୍ତ୍ରଶିଳ୍ପୀ ଓ ସାରସତ୍ୱ ସାଧକ ଜଗନ୍ନାଥ ବଳ, ବରିଷ୍ଠ ବଂଶୀବାଦକ ରମେଶ ଚନ୍ଦ୍ର ପାତ୍ର, ମେଧାବୀ ଛାତ୍ରୀ, କଣ୍ଠଶିଳ୍ପୀ କରିସ୍ମା ଶର୍ମା, ସଂସ୍କୃତିପ୍ରେମୀ ଉପେନ୍ଦ୍ରନାଥ ବେହେରା, ସାମ୍ବାଦିକ ମେଘନାଦ ହେମ୍ବ୍ରମ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରସାନନ୍ଦ ଲେଙ୍କା, ଡଃ ପିଏସ ମାଣିକେଶ୍ୱରୀ, ବରିଷ୍ଠ ବିଜେପି ନେତା ସଞ୍ଜୀବ ମହାନ୍ତି, ସ୍ତମ୍ଭକାର ଲଳିତ ମହାନ୍ତ, ମୟୂରଭଞ୍ଜ ମହୋତ୍ସବର ଉଦ୍ୟୋକ୍ତା କଳିଙ୍ଗକେଶରୀ ଜେନା, ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ଭୋଳ, ଶରତ ଦାସ, ବରିଷ୍ଠ ସାମ୍ବାଦିକ ମନୋଜ ଦାସ, ପ୍ରଶାନ୍ତ ପରୀକ୍ଷା, ସମାଜସେବୀ ଚିତରଞ୍ଜନ ପଟ୍ଟନାୟକ ପ୍ରମୁଖ ପଖାଳ ଦିବସରେ ବକ୍ତବ୍ୟ ରଖିଥିଲେ। ସାଜ ଔର ଆୱାଜର ସୁନାମଧନ୍ୟ କଣ୍ଠଶିଳ୍ପୀ ପ୍ରିୟବ୍ରତ ଦାସ, ନିୟତି ମହାନ୍ତି, ପଙ୍କଜ ମହାନ୍ତ, ଡଃ.ତନ୍ମୟୀ ରଥ, ମହାନ୍ତ ବବିତା କୈଳୟାର, ସୀମା କୈଳୟାର, ଲାଲ ମହମ୍ମଦ, ତିମିର ରଞ୍ଜନ ପଣ୍ଡା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ସମସ୍ତେ ମାଟି ହାଣ୍ଡିରେ ସୁସ୍ୱାଦୁ ଦହି ପଖାଳ ସହ ବଡିଚୁରା, ସଜନାଛୁଇଁ ରସା, କାକୁଡି, କଲରା ଭଜା, ବାଇଗଣ ଭର୍ତ୍ତା, ଟମୋଟୋ ଚଟଣି, ଆଳୁ ଭର୍ତ୍ତା, ଭେଣ୍ଡି ମସଲା, ଶାଗ ଭଜା, ଆଳୁ ପୋଟଳ ଭଜା, ପାମ୍ପଡ, ମାଛ ଭଜା, ମଞ୍ଜି ବରା ଆଦି ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ ହୋଇଥିଲେ। ଅଧ୍ୟାପକ ବିଜୟ କୁମାର ରାମ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମେ ଓଡ଼ିଆ' ପକ୍ଷରୁ ପଖାଳ ଦିବସ



ବହଳଦା, ୨୨।୩(ସମିସ): ବହଳଦାର ଅଗ୍ରଣୀ ସଂଗଠନ 'ଆମେ ଓଡ଼ିଆ' ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। ପଖାଳ ଓଡ଼ିଆଙ୍କର ସବୁଠାରୁ ବଡ଼ଠାକୁର ଜଗନ୍ନାଥ ମହାପ୍ରଭୁ ମଧ୍ୟ ପଖାଳ ଖାଇବାକୁ ଭଲ ପାଆନ୍ତି ବୋଲି ବିଶିଷ୍ଟ କବି ନେପାଳ ଚନ୍ଦ୍ର ସାହୁ କହିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ ସହ ଦହି ପଖାଳ ପରସା ଯାଇଥିଲା। ବରିଷ୍ଠ ସଭ୍ୟ ସତ୍ୟନାରାୟଣ ଦିକ୍ଷୀତ, ସଚ୍ଚିଦାନନ୍ଦ ଦାଶ, ଅମୀୟ କୁମାର ଦାଶ, ଅସୀତ ରଥ, ଅଶୋକ ରାଉତ, ବିଶ୍ୱଜିତ ଦତ୍ତ, ଅତନୁ ମହାନ୍ତି, ଲୁଲୁ ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଖ୍ରନ୍‌ଭିନ୍ କଲା କାଳବୈଶାଖୀ, ଡାଳ ପଡ଼ି ବୃଦ୍ଧ ଗୁରୁତର

# ଗଛ ଉପୁଡ଼ିଲା, ଭାଙ୍ଗିଲା ଘରବାଡ଼ି, ପନିପରିବା ଫସଲ କ୍ଷତିଗ୍ରସ୍ତ





ଆନନ୍ଦପୁର, ୨୨।୩(ସମିସ)

ଗତ ଶୁକ୍ରବାର ବିଳମ୍ବିତ ରାତ୍ରିରେ କାଳବୈଶାଖୀର ତାଣ୍ଡବ ଲୀଳାରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। କଣ୍ଟିପାଳ, ବାରୁଆଁ, ରାଇପାଳ ଓ ବାଲିଯୋଡ଼ି ଗ୍ରାମରେ କାଳବୈଶାଖୀ ଅନେକ କ୍ଷୟକ୍ଷତି ଘଟାଇଛି। ରାତି ପ୍ରାୟ ୮ଟାରୁ ଦୀର୍ଘ ୫ ଘଣ୍ଟା ଧରି ପ୍ରବଳ ବେଗରେ ପବନ ବହିବା ସହିତ ଲଗାଣ ବର୍ଷା ଓ କୁଆପଥର ମାଡ଼ରେ ଝାଟିମାଟି ଘର ଭାଙ୍ଗି ଯାଇଛି। ଅନେକ ଘରର ଟାଳ ଛପର ଉଡିଯାଇଛି। ବିଭିନ୍ନ ସ୍ଥାନରେ ବଡ ବଡ ଗଛମାନ ଉପୁଡି ପଡ଼ିଥିବା ବେଳେ ବିଦ୍ୟାତ୍ ଖୁଣ୍ଟ ଭାଙ୍ଗିପଡ଼ିଛି। ଫଳରେ ଉକ୍ତ ଅଞ୍ଚଳ ଅନ୍ଧାରରେ ଥିବା ଜଣାଯାଇଛି। ଏହି କାଳବୈଶାଖୀ ପ୍ରଭାବରେ ଝାଟିମାଟି ଓ କଚ୍ଚାଘର ଛାଡି ଲୋକେ ନିରାପଦ ସ୍ଥାନକୁ ପଳାଇ ଆସିଥିବା ବେଳେ ଅନେକ ଗୃହପାଳିତ ପଶୁପକ୍ଷୀ ନିଖୋଜ ହୋଇଥିବା ଜଣାଯାଇଛି। ମଧ୍ୟମ ଧରଣର ବର୍ଷା ଲାଗି ରହିବାରୁ କଚ୍ଚା ଘର ଭାଙ୍ଗି ପଡ଼ିଥିବା ବେଳେ କୁଆପଥର ମାଡରେ ଅନେକ ଘରର ଛପର କ୍ଷୟକ୍ଷତି ହୋଇଛି। ରାଇପାଳ ହାଟ ପଡ଼ିଆରେ ଥିବା ହାଟପିଣ୍ଡି ଘରର ଆଜବେଷ୍ଟସ ଛପର ଉଡି ଯାଇଛି। ବାରୁଆଁ ଗ୍ରାମର କରବୀର ନାୟକ ଓ ପବନ ନାୟକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଏହି ପରିବାର ଅସହାୟ ହୋଇପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ କ୍ଷୟକ୍ଷତି ଭରଣା କରିବାକୁ ଦାବି ହୋଇଛି।



**ହାଟଡ଼ିହୀ:** କାଳବୈଶାଖୀ ଯୋଗୁଁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ହାଟଡ଼ିହୀ ବ୍ଲକ ଅଧୀନସ୍ଥ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ବେଳେ ବାଙ୍ଗୋର ଗ୍ରାମରେ ଏହାର ପ୍ରଭାବ ଅଧିକ ମାତ୍ରାରେ ଦେଖାଯାଇଛି। ଗ୍ରାମର ଏକ ବିରାଟକାୟ ଗଛ ଉପୁଡ଼ି ପଡ଼ି ନାରାୟଣ ସାହୁଙ୍କ ଦୋକାନ ଘର ଉପରେ ଭାଙ୍ଗି ପଡ଼ିଛି। ଗାଁର ସଦର ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଥିଲା। ଶନିବାର ସକାଳୁ ଗାଁ ଯୁବଗୋଷ୍ଠୀଙ୍କ ଉଦ୍ୟମରେ ରାସ୍ତାରୁ ଭଙ୍ଗା ଗଛକୁ ହଟାଇବା ପରେ ଚଳପ୍ରଚଳ ସ୍ୱାଭାବିକ ହୋଇଛି। କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ବାବଦକୁ ତାଙ୍କୁ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ସୋସୋ:** ହାଟଡିହି ବ୍ଲକରେ କାଳ ବୈଶାଖୀ ତାଣ୍ଡବରେ ପଡ଼ିଆରିପଲ୍ଲୀ, ସୋସୋ, କେ. ବାଲିପାଳ, ବାଙ୍ଗୋର ଆଦି ବହୁ ପଞ୍ଚାୟତରେ କୁଆପଥର ମାଡ଼ ହେବା ସହିତ ଶହ ଶହ ଗଛ ଭାଙ୍ଗିପଡ଼ିଛି। ପଡ଼ିଆରିପଲ୍ଲୀଠାରୁ ବିଦ୍ୟାଧରପୁର ରାସ୍ତାରେ ବହୁ ଗଛ ଉପୁଡି ପଡ଼ିଛି। ବିଦ୍ୟୁତ ଖୁଣ୍ଟ ଭାଙ୍ଗିପଡ଼ିଥିଲା। ସେହିପରି କେନାଲ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟର ତାର ଛିଡି ଓହଳି ରହିଥିଲା। ନୂଆସାହିଠାରୁ ବାଙ୍ଗୋର ରାସ୍ତାର ଗଛଗୁଡିକ ଉପୁଡିପଡ଼ିବା ସହିତ ଡାଳ ଗୁଡିକ ଭାଙ୍ଗିଯାଇଥିଲା। ସେହି ରାସ୍ତାଗୁଡିକରେ ଆଜି ବସ୍ ଚଳାଚଳ ବନ୍ଦ ହୋଇ ରହିଥିଲା। ବେଲମଳା ଗାଁର ଦୀପୁ ସୋରେନ୍ ଘର ଉପରେ ଗଛ ଡାଳ ପଡ଼ିଥିବାବେଳେ, ଚତୁର୍ଭୁଜ ରାଉତଙ୍କ ବାଡିରେ ଗଛ ଉପୁଡି ଘର ଉପରେ ପଡ଼ିଥିଲା। ସାରଙ୍ଗଧର ରାଇସ୍ ମିଲ୍ ବାଲିବରେଇର ବହୁ ଟିଣ ଛପର ଉଡାଇନେବା ସହିତ ପେନାଲ ରୁମ୍, ମୋଟରଗିୟରବକ୍ସ ଆଦିକୁ ଉଡାଇନେଇ ନଷ୍ଟକରିଛି।

**ତୁରୁମୁଙ୍ଗା:** ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳରେ ଶୁକ୍ରବାର ସଂଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ପ୍ରବଳ ପବନ ବହିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାଟଣା ବ୍ଲକ କୋଡ଼ଖମଣ ଗ୍ରାମରେ ୧୦ରୁ ଉର୍ଦ୍ଧ୍ୱ ଘରର ଛପର ଉଡ଼ିବା ସହ ଅନେକ ଗଛ ଉପୁଡ଼ି ପଡ଼ିଛି। ଏଥିସହ ବିଦ୍ୟୁତ ଖୁଣ୍ଟ ମଧ୍ୟ ଉପୁଡି ପଡ଼ିଛି। ବର୍ଷାପବନରେ ଅଞ୍ଚଳରେ ହୋଇଥିବା ଭେଣ୍ଡି, ତରଭୁଜ, ସୂର୍ଯ୍ୟମୁଖୀ, ବିଲାତି ଆଦି ଚାଷ କ୍ଷତିଗ୍ରସ୍ତ ହୋଇଛି। ଡେଣ୍ଡୁଆଁ ଗ୍ରାମରେ ଲକ୍ଷ୍ମୀଧର ସାହୁଙ୍କ ଘର ଉପରେ ଏକ ବିରାଟ ଚାଖୁଣ୍ଡା ଗଛ ପଡ଼ି ଯାଇଥିବାରୁ ଘରର ଟାଇଲ ଛପର ଭାଙ୍ଗି ଯାଇଛି। କୋଡ଼ଖମଣ ଗ୍ରାମରେ ଡାଳ ପଡ଼ି ଡାଳ ତଳେ ଚାପି ହୋଇ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧ କୁଳମଣି ମହାନ୍ତ ହାଟରୁ ଫେରୁଥିବା ସମୟରେ ଏକ ଗଛ ଡାଳ ତାଙ୍କ ଉପରେ ଖସି ପଡ଼ିଥିଲା। ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବର୍ଷା ପବନ ଯୋଗୁଁ ଅଞ୍ଚଳରେ ବିଦ୍ୟୁତ ଖୁଣ୍ଟଗୁଡିକ ଉପୁଡି ପଡ଼ିଥିବାରୁ ଗତକାଲି ସନ୍ଧ୍ୟାରୁ ଉକ୍ତ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। କୋଡ଼ଖମଣ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତ, ଦିବାକର ମହାନ୍ତ, ମଧୁସୂଦନ ମହାନ୍ତ, ଘନଶ୍ୟାମ ମହାନ୍ତ, ଅଲେଖ ମହାନ୍ତ, ଘାସିଆ ନାଏକଙ୍କ ଘରର ଛପର ଉଡିଯାଇଥିବା ବେଳେ ବଇତ ପାତ୍ରଙ୍କ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି କେଶଡିହା ଗାଁରେ ୨ଟି, ବୟଲକୁଣ୍ଡ ଓ ଶିଳପଦା ଗାଁର ଗୋଟିଏ ଲେଖାଏଁ ଘର ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ପାଟଣା ବୈତରଣୀ ଅବବାହିକାରେ ୩୭.୨ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି।




ଏଥିସହ ଗ୍ରାମର କ୍ଲବ୍ ଘର ଉପରେ ଏକ ବିରାଟ ଆମ୍ବ ଗଛ ପଡ଼ି ଘରଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ସୁବାସିନୀ ମହାନ୍ତ, ଅଲେଖ ମହାନ୍ତ, ଦିବାକର ମହାନ୍ତ, ସୁନାମଣି ମହାନ୍ତ, ଭାନୁମତି ମହାନ୍ତ, ଚନ୍ଦ୍ରିକା ମହାନ୍ତଙ୍କ ଭେଣ୍ଡି, ସୂର୍ଯ୍ୟମୁଖୀ ତରଭୁଜ, ବିଲାତି ଆଦି ଚାଷ ବ୍ୟାପକ ଭାବରେ ନଷ୍ଟ ହୋଇଯାଇଛି। ସେହିପରି ସାହାରପଡ଼ା ବ୍ଲକ ଦିଗିପଶି ପଞ୍ଚାୟତ ହିଙ୍ଗୁଳଗାଡ଼ିଆ ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ଘର ଉପରେ ବିରାଟ ଆମ୍ବ ଗଛ ପଡ଼ି ଯାଇଥିଲା। ପାଟଣା ଓ ସାହାରପଡ଼ା ଅଗ୍ନିଶମବାହିନୀ ରାସ୍ତା ଉପରେ ଏବଂ ଘର ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଛନ୍ତି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଚିପ୍ସ ବୋଝେଇ ୪ ହାଇୱା ଜବତ

ରାମଚନ୍ଦ୍ରପୁର, ୨୨।୩(ସମିସ): ଯାଜପୁର ଜିଲ୍ଲା ଚଢେଇଧରା ଅଞ୍ଚଳରୁ ବେଆଇନ ଭାବେ ଚିପ୍ସ ବୋଝେଇ କରି ଘସିପୁରା ଭଣ୍ଡାରିଡିହା ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ୪ଟି ହାଇୱା ଗାଡିକୁ ରାମଚନ୍ଦ୍ରପୁର-ଦେଓଗାଁ ରାସ୍ତାର ପଦନପୁର ଛକ ନିକଟରେ ରାମଚନ୍ଦ୍ରପୁର ପୁଲିସ ଅଟକାଇ ଯାଞ୍ଚ କରିଥିଲା। ପୁଲିସକୁ ଦେଖି ଚାଡ଼ିର ଚାଳକ ଚମ୍ପଟ ମାରିଥିଲା। ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଗାଡିଗୁଡିକୁ ଥାନା ହେପାଜତରେ ରଖାଯାଇଛି। ସରକାରଙ୍କ ଆଞ୍ଚଳିକ ପରିବହନ ଏବଂ ତହସିଲଦାରଙ୍କ ମିଳିତ ଯାଞ୍ଚ ପରେ ଆବଶ୍ୟକ ଜରିମାନା ଧାର୍ଯ୍ୟ ହେବ ବୋଲି ଜଣାପଡ଼ିଛି।

## ଗୋ-ସଂରକ୍ଷଣ ବିଲ୍ ପାରିତ ଦାବି

ରାମଚନ୍ଦ୍ରପୁର, ୨୨।୩(ସମିସ): ରାଜ୍ୟରେ ଅବାଧ ଗୋ-ଚାଲାଣ ଓ ଗୋ-ହତ୍ୟା ବନ୍ଦ କରିବାକୁ ଓଡ଼ିଶା ଗୋ-ସଂରକ୍ଷଣ ବିଲ୍ ୨୦୨୪କୁ ତୁରନ୍ତ ପାରିତ କରିବା ପାଇଁ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଭୁବନେଶ୍ୱରଠାରେ ଏକ ଗୋ-ରକ୍ଷା ମହାସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ବହୁ ଆଶ୍ରମର ସାଧୁସନ୍ଥ ଓ ବିଭିନ୍ନ ମଠ ମନ୍ଦିରର ପୂଜାପଣ୍ଡାମାନେ ଯୋଗ ଦେଇଥିବା ବେଳେ କେନ୍ଦୁଝର ଜିଲ୍ଲା ସାଇଁକୁଳ ଅଞ୍ଚଳରେ ବର୍ଷ ବର୍ଷ ଧରି ଗୋ-ସୁରକ୍ଷା ପାଇଁ ସଂଗ୍ରାମ ଜାରି ରଖିଥିବା ବଜରଙ୍ଗୀ ହିନ୍ଦୁ ବାହିନୀର ସଦସ୍ୟ ଡ. ସନତ ରଥଙ୍କ ନେତୃତ୍ୱରେ ସନ୍ତୋଷ ସ୍ୱାଇଁ, ଅଶୋକ ଘଡେଇ, ଚନ୍ଦନ ପରିଡ଼ା, ପ୍ଲାବନ ପରିଡ଼ା, ଆଶିଷ ଚକ୍ର, ସରୋଜ ସାହୁ ପ୍ରମୁଖ ୨୦ରୁ ଅଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ବିଶ୍ୱହିନ୍ଦୁ ପରିଷଦର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୋ ସୁରକ୍ଷା ବିଲ୍ ପାରିତ ନେଇ ଆଲୋଚନା କରିଥିଲେ।

## ତରିମୂଳ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୨।୩(ସମିସ): ତରିମୂଳ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରେଶଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳ, ମୁଖ୍ୟବକ୍ତା ଭାବେ କବି ପ୍ରଫୁଲ୍ଲ କୁମାର ଚକ୍ର, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଉମାକାନ୍ତ ଜେନା, ପରିଚାଳନା କମିଟି ସଭାପତି ଶ୍ରୀମତୀ ଅଯୋଧା ବଳ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ଚକ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁମିତ୍ରାରାଣି ଜେନା, ଶୁଭଲକ୍ଷ୍ମୀ ସାହୁ ଓ ଲୁଲି ବଳ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଙ୍ଗୀତ ବିଚିତ୍ରା, କ୍ଷୁଦ୍ର ନାଟକ, ନୃତ୍ୟ ବିଚିତ୍ରା ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ଗୁରୁ କୁନା ଜେନା, ସମୀର ଜେନା, ଦିପୁ ପାତ୍ର, ମାଷ୍ଟର ବିକାଶ, ବିଦେଶୀ ଜେନା, ଲିଟୁ ଜେନା, ସୁଶୀଳା ମହାରଣା, ଗୁରୁଚରଣ ପୁହାଣ, କୁଳମଣୀ ପେରେଇ ଓ କୁଳମଣୀ ବଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅଣଆବାସିକ ପାରା କର୍ମଚାରୀଙ୍କ ପ୍ରଶିକ୍ଷଣ

ରାମଚନ୍ଦ୍ରପୁର/ଆନନ୍ଦପୁର, ୨୨।୩(ସମିସ): ବିଭିନ୍ନ କୃଷିଭିତ୍ତିକ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଆନନ୍ଦପୁର କୃଷି ଜିଲ୍ଲା ଅଧୀନ ଘସିପୁରା, ହାଟଡିହୀ ଏବଂ ଆନନ୍ଦପୁର ବ୍ଲକରେ ସମସ୍ତ ପାରା କୃଷି କର୍ମଚାରୀଙ୍କୁ ନେଇ ଦିନିକିଆ ଅଣ ଆବାସିକ ପ୍ରଶିକ୍ଷଣ ଶିବିର ଶାଳପଡ଼ାସ୍ଥିତ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଆନନ୍ଦପୁର କୃଷି ଜିଲ୍ଲା ଅଧିକାରୀ ସିଙ୍ଗିରାଇ ମାରାଣ୍ଡି, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ନକୁଳଚନ୍ଦ୍ର ନାୟକ, ଜିଲ୍ଲା ମୃତ୍ତିକା ରସାୟନବିତ୍ ପ୍ରବୋଧ ବିଶ୍ୱାଳ, ଆନନ୍ଦପୁର ବ୍ଲକ କୃଷି ଅଧିକାରୀ ଜୟନ୍ତ ଦାସ, ଜଗମୋହନ ନାୟକ, ଘସିପୁରା ସହକାରୀ ମତ୍ସ୍ୟାଧିକାରୀ ପାବନୀ ପ୍ରସାଦ ଆଚାର୍ଯ୍ୟ, ଘସିପୁରା ସହକାରୀ କୃଷି ଅଧିକାରୀ ମାନସରଞ୍ଜନ ପ୍ରଧାନ, କୃଷିଯନ୍ତ୍ରୀ ବର୍ଷା ରାଉଳ ଭିଏଡବ୍ଲୁ, କୃଷି ଅଧିଦର୍ଶକ, ଏଟିଏମ୍ ଏବଂ ସମସ୍ତ କୃଷକ ସାଥୀଙ୍କୁ ୨ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦେଇଥିଲେ।

## ଝାଡ଼କୁଣ୍ଡି ଛକରେ ଦୋକାନ ଘର ଭାଙ୍ଗିଦେଲେ



ଆନନ୍ଦପୁର, ୨୨।୩(ସମିସ): ଘସିପୁରା ଥାନା ଅନ୍ତର୍ଗତ ଝାଡକୁଣ୍ଡି ଛକରେ ନୂଆ କରି ତିଆରି ହୋଇଥିବା ଏକ ଦୋକାନ ଘରକୁ ଦୁର୍ବୃତ୍ତ ଭାଙ୍ଗି ଦେବା ଘଟଣାରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଉକ୍ତ ଗ୍ରାମର କମଳି ପେରେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ହେବାର ୩ଦିନ ବିତିଯାଇଥିଲେ ମଧ୍ୟ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଏହାକୁ କେନ୍ଦ୍ରକରି ଚାପା ଉତ୍ତେଜନା ପ୍ରକାଶ ପାଇଛି। ଝାଡକୁଣ୍ଡି ଛକରେ ପୂର୍ବରୁ ଥିବା କେତେକ ଦୋକାନ ନିକଟରେ ସେହି ଗ୍ରାମର ଚଗୁଲୁ ପେରେଇ ଏକ ଦୋକାନ ଘର ନିର୍ମାଣ କରିଥିଲେ। ପୂର୍ବ ଶତ୍ରୁତାରୁ ସେହି ଗ୍ରାମର କେତେକ ଯୁବକ ଏହାକୁ ବିରୋଧ କରି କମଳିଙ୍କୁ ଧମକ ଚମକ ଦେବା ସହିତ ଦୋକାନ ଘର ଭାଙ୍ଗି ଦେବାକୁ ଚେତାବନୀ ଦେଇଥିଲେ। ତେବେ ଗତ ୨୦ ତାରିଖ ସକାଳୁ ଚଗୁଲୁଙ୍କ ଦୋକାନ ଘର ଭାଙ୍ଗି ମାଟିରେ ମିଶି ଯାଇଥିବା ଦେଖିବାକୁ ମିଳିଥିଲା।

## ରାସ୍ତାକଡ଼ରେ ବିପଦ !



ବେଲବାହାଲି, ୨୨।୩ (ସମିସ): ଆନନ୍ଦପୁର ଡିଭିଜନ ଘସିପୁରା ସର୍କଲର ବାଇଲୋ ପଞ୍ଚାୟତ ଅନ୍ତର୍ଗତ ହାତିବନ୍ଧା ଗ୍ରାମର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଟ୍ରାନ୍ସଫର୍ମରଟିରେ କୌଣସି ସୁରକ୍ଷା ବାଡ଼ା ନାହିଁ। ଫଳରେ ଟ୍ରାନ୍ସଫର୍ମର ରୂପକ ରାସ୍ତାକଡ଼ରେ ମୃତ୍ୟୁକୁ ଜଗିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଅତ୍ୟନ୍ତ ବିପଦଜନକ ପରିସ୍ଥିତିରେ ରହିଛି। ଏହି ଟ୍ରାନ୍ସଫର୍ମରଟିର ଉପରେ ଲତାଗୁଳ୍ମ ମାଡିଯାଇଥିବାରୁ ଗାଈଗୋରୁ ଓ ଗୃହପାଳିତ ପଶୁପକ୍ଷୀ ମୁହଁ ଲଗାଉଥିବାର ପରିଲକ୍ଷିତ ହୋଇଛି। ରାସ୍ତାରୁ ପ୍ରାୟ ୨ ଫୁଟ ଉଚ୍ଚତାରେ ଟ୍ରାନ୍ସଫର୍ମରଟି ଲାଗିଛି। ଏହାର କେବୁଲଗୁଡିକ ଖୋଲା ପଡ଼ିଥିବାରୁ କୌଣସି ଅଘଟଣ ଘଟିବ ସେନେଇ ଆଶଙ୍କା ପ୍ରକାଶ ପାଇଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ସ୍କୁଲ କଲେଜକୁ ଛାତ୍ରଛାତ୍ରୀଙ୍କ ସମେତ ହଜାର ହଜାର ଜନସାଧାରଣ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି। ଟ୍ରାନ୍ସଫର୍ମରଟି ହାତପାଆନ୍ତାରେ ଥିବା ବେଳେ ଟିପିଏନଓଡିଏଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନଥିବା ଚିନ୍ତାର କାରଣ ହୋଇଛି। କେତେକ ସଚେତନ ନାଗରିକ ସ୍ଥାନୀୟ ଟିପିଏନଓଡିଏଲ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ସମସ୍ୟା ପ୍ରତି ଦୃଷ୍ଟି ଦେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

## ଚାଲିଛି ଅବାଧ କୁକୁଡ଼ା ଲଢ଼େଇ, ଜୁଆଖେଳ, ନିଶା କାରବାର

ଆନନ୍ଦପୁର, ୨୨।୩(ସମିସ)

ଆନନ୍ଦପୁର ଉପଖଣ୍ଡରେ ଶାସନ ବ୍ୟବସ୍ଥା ଦିନକୁ ଦିନ ହୁଗୁଳା ହୋଇପଡୁଛି। ଚିରାଚରିତ ଢଙ୍ଗରେ ପୁଲିସ୍ କାର୍ଯ୍ୟ କରୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଚୋରି, ଡକାୟତି, ରାହାଜାନି, ଲୁଟପାଟ୍‌ର ସୀମା ଟପି ଯାଇଥିବା ବେଳେ ଲୁଟେରାଙ୍କୁ ଠାବ କରିବା ପୁଲିସ୍ ଆବଶ୍ୟକ ପଦକ୍ଷେପ ନେଇପାରୁ ନାହିଁ। ଆନନ୍ଦପୁର ବ୍ରିଜ ଛକ, ସୁଡୁସୁଡିଆ ଛକ ଓ ସୁଡୁସୁଡିଆ ବାଇପାସ୍‌ର ଚୋରି ଘଟଣାକୁ ୧୫ଦିନ ବିତିଥିଲେ ମଧ୍ୟ ପୁଲିସ୍ ଏହାର ସୁରାଗ ପାଉ ନଥିବା ଜଣାଯାଇଛି। ସେହିପରି ସାପ୍ତାହିକ ଚାଷୀଙ୍କ ହାଟରେ ପନିପରିବା ବ୍ୟବସାୟ ଅପେକ୍ଷା କୁକୁଡା ଲଢେଇ ଓ ଜୁଆଖେଳର ବ୍ୟବସାୟ ଖୁଲମଖୁଲା ଚାଲିଛି। ଏଭଳି ସାମାଜିକ ବିଶୃଙ୍ଖଳା ବଢ଼ି ଚାଲିଥିବାରୁ ସାଧାରଣ ଲୋକମାନେ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି। ପୁଲିସ ଏ ଦିଗରେ ଠୋସ ପଦକ୍ଷେପ ନେଇପାରି ନାହିଁ। ଅଭିଯୋଗ ପରେ ମଧ୍ୟ ପୁଲିସ୍ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ଉପଖଣ୍ଡର ପ୍ରାୟ ସମସ୍ତ ହାଟରେ ଜୁଆଖେଳ, କୁକୁଡା ଲଢେଇ ଚାଲିଛି। ସାପ୍ତାହିକ ହାଟରେ ଜୁଆଡିମାନେ ସ୍ଥାନୀୟ ଲୋକଙ୍କୁ ନେଇ ପାଲି ପକାଉଛନ୍ତି। ଏହା ଏକପ୍ରକାର ବ୍ୟବସାୟରେ ପରିଣତ ହୋଇଛି। ସେହିପରି ମକର ସଂକ୍ରାନ୍ତି ପରଠାରୁ ହାଟରେ କୁକୁଡା ଲଢେଇ ମଧ୍ୟ ଜୋରଦାର ହୋଇଛି। ସାପ୍ତାହିକ ହାଟକୁ ଛାଡି ଦେଲେ କିଛି ନିଛାଟିଆ ସ୍ଥାନରେ ନିୟମିତ ଭାବେ ଜୁଆଖେଳ ଚାଲିଛି। ଶୈଳଙ୍ଗ କ୍ରସର ପଛପଟ, ଗୋହିରା ପିତୁ ପ୍ଲାଣ୍ଟ ନିକଟ, ବୀରଗୋବିନ୍ଦପୁର, ଶୈଳଙ୍ଗ ହୁଡି, ଖାଲିଆମେଣ୍ଟା ହାଟପଡ଼ିଆ, ଧକୋଠା, ଶାଳପଡ଼ା ହାଟପଡ଼ିଆରେ ଜୁଆଡିଙ୍କ ଭିଡ ଜମୁଛି। ଏଭଳି ସ୍ଥିତିରେ ସାପ୍ତାହିକ ହାଟରେ ପୁଲିସ୍ ମୁତୟନର ଆବଶ୍ୟକତା ଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସୋମବାର ଘସିପୁରା ଥାନା କାଦୁଅଗୋଠ, ମଙ୍ଗଳବାର ଘାଗିସାହି, ରାମଚନ୍ଦ୍ରପୁର ଥାନା ବୋହୂଗଡ଼ିଆ, ଗୁରୁବାର ଜାମୁବାହାଲି, କୋଳିମାଟି, ଶୁକ୍ରବାର ଶାମୁକାନାଣ୍ଡି, ବାଲିପାଳ, ଗୋହିରା, ଶନିବାର ଖାଲିଆମେଣ୍ଟା, ରବିବାର ନାଳସାହି, ହାଟରେ ଜୁଆଖେଳ ହେଉଛି। କୁକୁଡା ଲଢେଇରେ ବି ଲକ୍ଷ ଲକ୍ଷ ଟଙ୍କା ବାଜି ଲାଗୁଛି। ଏଥିପାଇଁ ହାଟରେ ଗଣ୍ଡଗୋଳ ମାରପିଟ୍ ହେଉଥିବାରୁ ସାଧାରଣ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଘସିପୁରା ଥାନା ଖାଲିଆମେଣ୍ଟା ହାଟରେ ୫ଟି ପାଲି ପଡୁଛି। ହାଟକୁ ପରିବା କିଣିବାକୁ ଆସୁଥିବା ଲୋକେ ଜୁଆଖେଳି ଟଙ୍କା ହରାଇବା ପରେ ଘରକୁ ଖାଲି ହାତରେ ଫେରୁଛନ୍ତି। ବାଲିପାଳ ହାଟରେ ଜୁଆଖେଳକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୁଲିସ ଖବର ପାଇ ହାଟକୁ ଆସି ଉପର ଠଉରିଆ ଭାବେ ବୁଲି ପଳାଇ ଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ବୈତରଣୀ ସେତୁ ତଳେ ନିଶା କାରବାର, ଶାଳବଣୀ ଛକରେ ଧଳାଜହର ବ୍ୟବସାୟ, ଆନନ୍ଦପୁର ସିନେମାହଲ ଛକରେ ଚୋରା ବିଦେଶୀ ମଦର କାରବାର ଦିନକୁ ଦିନ ଅତିଷ୍ଠ ହୋଇପଡ଼ିଲାଣି। ସଂଧ୍ୟା ପରେ ଏହି ଛକ ବଜାର ଅଞ୍ଚଳରେ ସାଧାରଣ ଲୋକ ଯାତାୟତ କରିବା କଷ୍ଟକର ହେଲାଣି। କେନ୍ଦୁଝର ଏସପି ଏଥିପ୍ରତି ଦୃଷ୍ଟି ଦେଇ ହାଟରେ ଜୁଆଖେଳ ଓ କୁକୁଡା ଲଢେଇ ଏବଂ ବିଭିନ୍ନ ସ୍ଥାନରେ ଚାଲିଥିବା ନିଶାଦ୍ରବ୍ୟ କାରବାର ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ସରୁଛି ଅବଧି, ଆସୁନି ଟାର୍ଗେଟ୍

# ପଡ଼ି ରହିଛି ଧାନ, ଚିନ୍ତାରେ ଚାଷୀ

ହାଟଡ଼ିହୀ, ୨୨।୩(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଡଅଁର ସେବା ସମବାୟ ସମିତିସ୍ଥିତ ଶାଳଣିଆଁ ଓ ଡଅଁର ଧାନମଣ୍ଡି ଅଧୀନରେ ଶତାଧିକ ଚାଷୀଙ୍କ ଧାନବିକ୍ରି ପାଇଁ ଟାର୍ଗେଟ ଆସୁ ନଥିବାରୁ ବହୁ କଷ୍ଟରେ ଉପାର୍ଜନ କରିଥିବା ବର୍ଷକର ସମ୍ବଳକୁ ଚାଷୀମାନେ ଖୋଲା ଆକାଶ ତଳେ ଥିବା ଧାନମଣ୍ଡିରେ ରଖି ଲୁହ ଗଡ଼ାଉଥିବା ଦେଖାଯାଇଛି। ସମବାୟ ସମିତିର ପୃଥକ ଧାନମଣ୍ଡିରେ ସରକାରଙ୍କ ତରଫରୁ ଚାଷୀଙ୍କଠାରୁ ଧାନ କିଣିବାକୁ ଦିନ ଧାର୍ଯ୍ୟ କରାଯାଇଥିଲା। ମାର୍ଚ୍ଚ ମାସ







ସରିବାକୁ ବସିଥିଲେ ମଧ୍ୟ ପାଖାପାଖି ୨୪୫ ଜଣ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ଅଛନ୍ତି। ଏହି ୨ଟି ଧାନମଣ୍ଡିର ୨୪୫ ଜଣ ଚାଷୀଙ୍କ ଟୋକନ୍ ନମ୍ବର ମୋବାଇଲକୁ ମେସେଜ୍ ଆସିଥିଲେ ସୁଦ୍ଧା ଧାନ ବିକ୍ରୟ ହୋଇପାରୁନି। ଫେବୃଆରୀରୁ ମାର୍ଚ୍ଚ ମାସ ୧୨, ୧୮, ୨୧ ତାରିଖ ମଧ୍ୟରେ ଧାନ ବିକ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଟାର୍ଗେଟ ନଆସିବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନବସ୍ତା ଗୁଡିକ ବର୍ଷାରେ ଭିଜି ଗଜା ହେବା ସହିତ ଗୋରୁଗାଈ, ଷଣ୍ଢ, ଛେଳି ଖାଇ ଯାଉଛନ୍ତି। ଶନିବାର ସୁଦ୍ଧା ୨ଟି ମଣ୍ଡିରେ ୨୪୫ ଟୋକନ୍‌କୁ ୮୮୦୦ କ୍ୱିଣ୍ଟାଲ୍ ଧାନ ବିକ୍ରୟ କରିବାକୁ ଆବଶ୍ୟକ ଥିବାବେଳେ ସରକାରଙ୍କ ତରଫରୁ ମାତ୍ର ୫୦୦ କ୍ୱିଣ୍ଟାଲ୍ ଧାନ କିଣିବାକୁ ଟାର୍ଗେଟ ଆସିଛି। ଏହା ସମୁଦ୍ରକୁ ଶଙ୍ଖେ ଭଳି ଡଅଁର ପାକ୍ସ ସମ୍ପାଦକ ଉମାକାନ୍ତ ନାୟକ କହିଛନ୍ତି। ବର୍ଷକର ହାଡ଼ଭଙ୍ଗା ପରିଶ୍ରମ କରି ଉପାର୍ଜନ କରିଥିବା ଶେଷ ସମ୍ବଳକୁ ଯଦି ଚାଷୀମାନେ ହରାଇବେ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚାଷୀ ବାବାଜୀ ତ୍ରିପାଠୀ, ପ୍ରଣବ ପତି, ଧନେଶ୍ୱର କର, ମଧୁସୂଦନ ମହାପାତ୍ର, ପ୍ରଶାନ୍ତ ଚଇନିଙ୍କ ସମେତ ଶତାଧିକ ଚାଷୀ ମତବ୍ୟକ୍ତ କରିଛନ୍ତି।

## ଝଡ଼ତୋଫାନରେ ଘର କାନ୍ଥ ଭାଙ୍ଗିଲା



ନାରଦପୁର, ୨୨।୩ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମ ପଞ୍ଚାୟତର ଦ୍ୱିତୀୟ ଧନୁର୍ଜୟପୁର ଗ୍ରାମରେ ଅଦିନିଆ ଝଡ଼ତୋଫାନରେ ସୁଶୀଳା ନାଏକ, ଉପାସି ନାଏକଙ୍କ ଘର କାନ୍ଥ ଭାଙ୍ଗି ଯାଇଛି। ଗତକାଲି ହଠାତ୍ ଘଡ଼ଘଡି ସହ ବ୍ୟାପକ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଆଖପାଖ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିବା ବେଳେ ରଙ୍ଗବତୀ ଓରାମଙ୍କ ବାଡ଼ିରେ କରାଯାଇଥିବା ବିଭିନ୍ନ ପ୍ରକାର ପନିପରିବା ଚାଷ ନଷ୍ଟ ହୋଇ ଯାଇଥିବା ସେ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

## ବ୍ୟବସାୟୀଙ୍କ ମୃତ୍ୟୁରେ ବଜାର ବନ୍ଦ



ସୋସୋ, ୨୨।୩(ସମିସ): ହାଟଡିହି ବ୍ଲକର ବାଲିବରେଇ-ବିଦ୍ୟାଧରପୁର ମୁକ୍ତେଶ୍ୱର ବଜାରରେ ଜଳଖିଆ ଦୋକାନ ଦେଇଥିବା ଦାମୋଦର ମିଶ୍ର(୬୬) ମୋଟର ସାଇକଲରୁ ପଡ଼ି ପ୍ରାଣ ହରାଇଛନ୍ତି। ଦୁଇଦିନ ତଳେ ଦାମୋଦର ମିଶ୍ର (ଖଜନ ନନା) ନିଜ ଘର ରାମକୃଷ୍ଣପୁରକୁ ଆସୁଥିବାବେଳେ ଗାଁ ନିକଟରେ ମୋଟର ସାଇକଲରୁ ପଡ଼ିଯାଇଥିଲେ। କଟକରେ ତାଙ୍କର ମୃତ୍ୟୁ ଘଟିବାରୁ ଗତକାଲି ୨୧ ତାରିଖରେ ତାଙ୍କ ମରଶରୀର ଗାଁକୁ ଅଣାଯାଇଥିଲା। ଏହି ସମୟରେ ତାଙ୍କ ମରଶରୀରକୁ ବଜାର ଓ ନିଜ ଗାଁରେ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶନିବାର ମୁକ୍ତେଶ୍ୱର ବଜାରରେ ବଜାର କମିଟିର ଚିନ୍ତାମଣି ପାତ୍ରଙ୍କ ଅଧ୍ୟକ୍ଷତାରେ ଲୁନା ପହି, ଅର୍ଜୁନ ବେହେରା, ଲକ୍ଷ୍ମୀକାନ୍ତ ମହାନ୍ତି, ସନ୍ତୋଷ ଖୁଣ୍ଟିଆ, କୈଳାଶ ବଳ, ଗୋପାଳ ଗୁପ୍ତା, ପର୍ଶୁରାମ ରାଉତ,



ରମେଶ ସାମଲ, ରାମ ବାରିକ, ପୁଅ ପହି, ଅଜି ପହି, ଗୌରାଙ୍ଗ ବାରିକ, ସୁବାଶ ବାରିକ, ବାଇଧର ଦେହୁରୀ, ମାନସ ପାତ୍ର, ସନ୍ତୋଷ ପାତ୍ର, ଗଜେନ୍ଦ୍ର ଚକ୍ର, ଶରତ ପରିଡ଼ା ଆଦି ବଜାରର ସମସ୍ତ ଦୋକାନୀ ଉପସ୍ଥିତ ରହି ଶୋକ ପାଳନ କରିବା ସହିତ ବଜାର ବନ୍ଦ କରାଯାଇଥିଲା।

## ବିଶ୍ୱ ବନ ଦିବସ ପାଳିତ

ଆନନ୍ଦପୁର, ୨୨।୩(ସମିସ): କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଆନନ୍ଦପୁର କାର୍ଯ୍ୟାଳୟ ପରିସରରେ ବନଖଣ୍ଡସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଜଙ୍ଗଲ ସହିତ ଜୀବଜନ୍ତୁଙ୍କ ସୁରକ୍ଷା ଦେବା, ସମ୍ପ୍ରତି ସମୟରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୃକ୍ଷରୋପଣ ମାଧ୍ୟମରେ ଜଙ୍ଗଲ ବୃଦ୍ଧି କରିବା ଲକ୍ଷ୍ୟରେ ସଚେତନାଧର୍ମୀ କାର୍ଯ୍ୟ ହାତକୁ ନେବାକୁ ଆଲୋଚନା ହୋଇଥିଲା। ଏସିଏଫ୍ କେନ୍ଦୁଝର ପ୍ରଭୀନ ମୁର୍ମୁ, ଏସିଏଫ୍ ଦେଓଗାଁ ଉମାକାନ୍ତ ଦାସ, ରେଞ୍ଜର ହଦଗଡ଼ ମାର୍ଶାଲ କିସ୍କୁ, ରେଞ୍ଜର ବ୍ରାହ୍ମଣୀପାଳ ପ୍ରିୟଦର୍ଶିନୀ ସାହୁ, ଆନନ୍ଦପୁର ରେଞ୍ଜର ନବକିଶୋର ନାଇକଙ୍କ ସମେତ ସମସ୍ତ ଜଙ୍ଗଲ ବିଭାଗ କର୍ମଚାରୀ ଓ ବନ ସୁରକ୍ଷା ସମିତିର ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ପୁସ୍ତକ 'ସମର୍ପଣ' ଲୋକାର୍ପିତ

ତୁରୁମୁଙ୍ଗା, ୨୨।୩(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ମୁଖ୍ୟାଳୟରେ ଗୁରୁବାର ରାତିରେ ବର୍ଷୀୟାନ କବୟିତ୍ରୀ ନକ୍ଷେତ୍ରମାଳା ମିଶ୍ରଙ୍କ 'ସମର୍ପଣ' କବିତା ପୁସ୍ତକ ଉନ୍ମୋଚିତ ହୋଇଛି। ଏଥିରେ ଜଗନ୍ନାଥ ଭଜନ, ଜଣାଣ, ତାରିଣୀ ସ୍ତୁତି, ଶିବ ଓ ଗଣେଶ ବନ୍ଦନା ଆଦି ଅନ୍ତର୍ଭୁକ୍ତ ରହିଛି। କବି ଅଭିମନ୍ୟୁ ଅଣ୍ଡିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା କବି କଳ୍ପତରୁ କର, ସମ୍ମାନିତ ଅତିଥି ଭାବେ କବୟିତ୍ରୀ କନକଲତା ମିଶ୍ର, ଶିକ୍ଷୟିତ୍ରୀ ଆଖୋଜି ସାହୁ, ବୈଜ୍ଞାନିକ ଅକ୍ଷୟ କୁମାର ମିଶ୍ର, ଜ୍ୟୋତ୍ସ୍ନା ତ୍ରିପାଠୀ, ସାମାଜିକ କର୍ମୀ ଆରତୀ ମିଶ୍ର, ସ୍ୱର୍ଣ୍ଣଲତା ମିଶ୍ର, ପଣ୍ଡିତ ଶରତ ତ୍ରିପାଠୀ, ଆଦିତ୍ୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ପୁସ୍ତକର ସଫଳତା ଓ ପାଠକୀୟ ଆଦୃତି କାମନା କରିଥିଲେ।

## ନାବାଳିକା ନିଖୋଜ

ରାମଚନ୍ଦ୍ରପୁର, ୨୨।୩(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଯେନାପଦା ଗ୍ରାମର ଚଗଲା ଜେନାଙ୍କ ନାବାଳିକା ଝିଅ ତିଲୋତ୍ତମା ଜେନା(୧୫) ଚଳିତବର୍ଷ ମେଟ୍ରିକ ପରୀକ୍ଷା ଦେଇଥିଲେ। ପରୀକ୍ଷା ସରିବା ପରେ ଗତ ସୋମବାର ରାତିରେ ସେ ଘରୁ କେଉଁଆଡେ ଚାଲି ଯାଇଛନ୍ତି। ଏଯାଏ ତାଙ୍କ ସନ୍ଧାନ ମିଳିପାରି ନାହିଁ। ପରିବାର ଲୋକ ଏନେଇ ରାମଚନ୍ଦ୍ରପୁର ଥାନାରେ ଏତଲା କରିଥିଲା ବେଳେ ତିଲୋତ୍ତମାଙ୍କ ଖୋଜଖବର ମିଳୁନାହିଁ। ପୁଲିସ ଅନୁସନ୍ଧାନ ଜାରି ରଖିଛି।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିୟୋଗରେ ଶୋକ

ଆନନ୍ଦପୁର, ୨୨।୩ (ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ବିଜେପିର ପୂର୍ବତନ ସଭାପତି ଡ. ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଜେପି କୃଷକ ମୋର୍ଚ୍ଚା ତରଫରୁ ଆନନ୍ଦପୁର ବଡଦାଣ୍ଡସ୍ଥିତ ଆନନ୍ଦ ଭବନଠାରେ ପ୍ରଫେସର ରମାକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁ, ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ନାୟକ, ଆନନ୍ଦପୁର ମ୍ୟୁନିସିପାଲିଟିର ଉପନଗରପାଳ ଦୁର୍ଗାଚରଣ ଦଲେଇ, ବିଜେପି ଜିଲ୍ଲା ଉପସଭାପତି ନିରାକାର ଦଲେଇ, ବିଜେପିର ବରିଷ୍ଠ ନେତା ଶ୍ରୀଧର ସାହୁ, ସୁବ୍ରତ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ପ୍ରାଣବନ୍ଧୁ ସାହୁ, ପଦ୍ମଲୋଚନ ପାଣିଗ୍ରାହୀ, ନରେନ୍ଦ୍ର ପଣ୍ଡା, ନାରାୟଣ ବାରିକ, ସରୋଜ ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ।

## ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ



କେନ୍ଦୁଝର, ୨୨।୩(ସମିସ): ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର (ନିର୍ବାଚନ) କିରଣ ନାଏକ, ରୂପାଳି ହାଁସଦା ଓ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ସମଗ୍ର ଦେଶରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶରେ ଏଭଳି ବୈଠକ ସମାପ୍ତ ହେବାକୁ ଯାଉଛି। ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକ ଦଳଗୁଡ଼ିକ ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରିଛନ୍ତି। ନିର୍ବାଚନ ଆୟୋଗ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳସ୍ତରୀୟ ସମ୍ପର୍କର ଲାଭ ଉଠାଇବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି ଯାହା ଦ୍ୱାରା ସମସ୍ତ ବିଚାରାଧୀନ ସମସ୍ୟାର ସମାଧାନ ସମୟସୀମା ମଧ୍ୟରେ ହୋଇପାରିବ। ଦେଶବ୍ୟାପୀ ରାଜନୈତିକ ଦଳ ସହିତ ବୈଠକର ଫଟୋଗୁଡ଼ିକ ଭାରତ ନିର୍ବାଚନ ଅଧିକାରୀଙ୍କ ସରକାରୀ ସୋସିଆଲ ମିଡିଆରେ ଉପଲବ୍ଧ ରହିଛି।

## ନାରୀ ନିର୍ଯାତନା ବନ୍ଦ ନହେଲେ ଆନ୍ଦୋଳନ ତୀବ୍ର: କଂଗ୍ରେସ

କେନ୍ଦୁଝର, ୨୨।୩(ସମିସ): ରାଜ୍ୟରେ ମହିଳା ହିଂସା ସୀମା ଟପିଛି। ମୋହନ ସରକାର ବିରୋଧରେ ସଂଗ୍ରାମ ଆଗାମୀ ଦିନରେ ଏନେଇ ଆନ୍ଦୋଳନ ତୀବ୍ରତର ହେବ ବୋଲି ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କଂଗ୍ରେସ ଭବନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାଏକ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳଚନ୍ଦ୍ର ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବରିଷ୍ଠ କଂଗ୍ରେସ ନେତା ବସନ୍ତ ଦାସ, ସଦର ବ୍ଲକ ସଭାପତି ଉତ୍ତମ ସାହୁ, ଜିଲ୍ଲା କଂଗ୍ରେସ ମିଡିଆ ଅଧ୍ୟକ୍ଷ ଦିଲ୍ଲୀପ ସାହୁ, ଜିଲ୍ଲା କଂଗ୍ରେସ ସୋସିଆଲ ମିଡିଆ ସଂଯୋଜକ ସୁଦଳ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ୨୩ ତାରିଖରେ କଂଗ୍ରେସ ଦଳର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୁବ କଂଗ୍ରେସର ଏକ ବାଇକ ରାଲିରେ ସହର ପରିକ୍ରମା କରି ପାର୍କ ଲାଇନ ସ୍ଥିତ ନ୍ୟୁ ଅଡିଟୋରୟମଠାରେ କଂଗ୍ରେସ କର୍ମୀମାନଙ୍କୁ ଉଦବୋଧନ ଦେବେ। ସନ୍ଧ୍ୟାରେ ଘଟଗାଁଠାରେ ମା ତାରିଣୀଙ୍କୁ ଦର୍ଶନ କରି ଭୁବନେଶ୍ୱର ଅଭିମୁଖେ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଛି।



## କ୍ଲବ୍ ଘରେ ଚାଲିଛି ଅଙ୍ଗନବାଡ଼ି



ଚମ୍ପୁଆ, ୨୨।୩(ସମିସ):ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ବସାସାହିରେ ଏକ ସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା ହୋଇପାରି ନଥିବାରୁ ଶିଶୁଙ୍କ ପ୍ରାକ୍‌ଶିକ୍ଷା ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ଉପଲବ୍ଧ କରାଇବାରେ ସମସ୍ୟା ହେଉଛି। ଜଣେ ସହାୟିକାଙ୍କ ଘରେ ଚାଲି ଆସୁଥିବା ଏହି ଅଙ୍ଗନବାଡ଼ି କେନ୍ଦ୍ର ପରେ ଅନ୍ୟ ଏକ ଘରେ ପରିଚାଳିତ ହୋଇଆସୁଥିଲା। ନିଜସ୍ୱ ଗୃହ ଅଭାବରୁ ନାନା ସମସ୍ୟା ଭିତରେ ଗତି କରି ଆସୁଥିବା ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ପୁଣି ସ୍ଥାନୀୟ ଲୋକଙ୍କ ସହମତିରେ କ୍ଲବ ଘରେ ଆଜକୁ ଦୀର୍ଘ ୩ ବର୍ଷ ଧରି ଚାଲି ଅସୁଛି। ଆଜିପର୍ଯ୍ୟନ୍ତ ନିଜସ୍ୱ ଗୃହଟିଏ ହୋଇପାରିଲା ନାହିଁ। ଏନେଇ ଅଙ୍ଗନୱାଡି କେନ୍ଦ୍ର ପରିଚାଳିକା ମମତା ବାନାରା ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ କିଛି ମିଳିପାରି ନାହିଁ। ଅନ୍ୟପକ୍ଷରେ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଲକ୍ଷ୍ମୀକାନ୍ତି ମାରାଣ୍ଡି କହିଛନ୍ତି ଯେ ସେ ଉପରିସ୍ଥ ଅଧିକାରୀଙ୍କୁ କେତେ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଆବଶ୍ୟକ ଓ କେତୋଟି ମରାମତି ଆବଶ୍ୟକ ସେ ନେଇ ଅବଗତ କରିସାରିଛନ୍ତି। ମାତ୍ର କେଉଁ ଅଙ୍ଗନବାଡ଼ିର ଗୃହ ଦରକାର କେଉଁ ଅଙ୍ଗନବାଡ଼ିର ମରାମତି ଦରକାର ସେନେଇ ସେମାନଙ୍କ ନାମ ଓ ସ୍ଥାନ ଅନୁଯାୟୀ ଚିଠା ଦେବା ପାଇଁ ନିର୍ଦ୍ଦେଶ ରହିଛି। ତୁରନ୍ତ ଉକ୍ତ ଚିଠା ପ୍ରସ୍ତୁତ କରି ଉପରିସ୍ତ ଅଧିକାରୀଙ୍କୁ ଅବଗତ କରିବୁ, ଅଶା ଖୁବ ଶୀଘ୍ର ଏହାର ସମାଧାନର ବାଟ ସୃଷ୍ଟି ହେବ।

## ପଢ଼ିଆରିପଲ୍ଲୀର ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦ୍‌ଯାପିତ

**ସୋସୋ, ୨୨।୩(ସମିସ):** ହାଟଡିହି ବ୍ଲକ ପଢ଼ିଆରିପଲ୍ଲୀ ଗ୍ରାମର ଗ୍ରାମଦେବତୀ ପୀଠରେ ୫ମ ବାର୍ଷିକ ବିଶ୍ୱ ଶାନ୍ତି ଗୀତା ମହାଯଜ୍ଞ ଓ ରାମ ଚରିତ ପାଠ ଉଦ୍‌ଯାପିତ ହୋଇଯାଇଛି। ପଣ୍ଡିତ ଦେବେନ୍ଦ୍ର ତ୍ରିପାଠୀ, ଦୀପକ ମିଶ୍ର, ମନୋଜ ମିଶ୍ର, ଜଗନ୍ନାଥ ତ୍ରିପାଠୀ, ବିପିନ ବିହାରୀ ତ୍ରିପାଠୀ, ସୁରଜ ପଣ୍ଡା ପୂଜାପାଠ କରବା ସହ ପୂର୍ଣ୍ଣାହୁତି ଦେଇଥିଲେ। ମହେଶ୍ୱର ନାୟକ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣପ୍ରଭା ମୁଖ୍ୟ କର୍ତ୍ତା କଳସ ଆଣିଥିବାବେଳେ ଦେବେନ୍ଦ୍ର ପାତ୍ର, ସୌଭାଗ୍ୟଲକ୍ଷ୍ମୀ, ମାନସ ରାଉତ, ମମତା, ସତ୍ୟବ୍ରତ ନାୟକ, ଦୀପ୍ତିମୟୀ, ରାଜେନ୍ଦ୍ର ପାତ୍ର, ନିରୁପମା, ଜ୍ଞାନରଞ୍ଜନ ପାତ୍ର, ପ୍ରମିଳା ପରମିତା, ଅରବିନ୍ଦ ପାତ୍ର, ରାଜଲକ୍ଷ୍ମୀ, ଗଙ୍ଗା ସାମଲ, ଅଞ୍ଜୁଲତା, ଚତୁର୍ଭୁଜ ରାଉତ, ସବିତା, ନରହରି ସାହୁ, ମାଳତି, ପ୍ରଶାନ୍ତ ସାହୁ, ପପିନି, ମନରଞ୍ଜନ ପାତ୍ର, ମଇନା ଆଦି କଳସ ଆଣିଥିଲେ। ଗୋପାଳ ରାଉତ, ପୂର୍ଣ୍ଣଚନ୍ଦ୍ର ପାତ୍ର, ନାରାୟଣଚନ୍ଦ୍ର ସାହୁ, ଜଗବନ୍ଧୁ ରାଉତ, ପାପୁନୁ ସାହୁ, ଦିଲୁ ରାଉତ, ତିଲକ୍ସ ରାଉତ, ଅଖିଳ ମଲ୍ଲିକ ଓ ଗ୍ରାମର ଅନ୍ୟ ଯୁବକମାନେ ସହଯୋଗ କରିଥିଲେ।



## ଆଦର୍ଶ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

ଆନନ୍ଦପୁର, ୨୨।୩(ସମିସ): ସୁନ୍ଦରାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ପ୍ରଣିପା ସେଠୀ ମେଧାବୃତ୍ତି ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଗତ ୨୦୨୪-୨୫ ଶିକ୍ଷାବର୍ଷରେ ହୋଇଥିବା ମେଧାବୃତ୍ତି ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ହାଟଡିହୀ ବ୍ଲକର ଦ୍ୱିତୀୟ ସ୍ଥାନରେ ରହି ଗୌରବ ଅର୍ଜନ କରିଛନ୍ତି ତାଙ୍କରି ଏପରି ସଫଳତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ସେ ଗିରିଗାଁ ଗ୍ରାମର ପ୍ରତାପ କୁମାର ସେଠୀ ଓ ଶ୍ରୀମତୀ ନିରୁପମା ସେଠୀଙ୍କ ଏକମାତ୍ର କନ୍ୟା ଅଟନ୍ତି।



## ବିରିପାଳ ମହାଦେବ କ୍ରିକେଟ୍: କଙ୍କଡ଼ାହାଡ଼ ଚାମ୍ପିଅନ

ତେଲକୋଇ, ୨୨।୩(ସମିସ)

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତର ବିରିପାଳ ଗ୍ରାମରେ ମହାଦେବ କ୍ରିକେଟ୍ କ୍ଲବ ଦ୍ୱାରା ସପ୍ତମ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସଭାପତି ପୋରସ୍ତମ୍ ସିଂହ ଏବଂ ସମ୍ପାଦକ ସୁଧିର ନାୟକଙ୍କ ନେତୃତ୍ୱରେ ପରିଚାଳିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ତାଙ୍କ ମଧ୍ୟରୁ କଙ୍କଡ଼ାହାଡ଼ କ୍ରିକେଟ୍ ଟିମ୍ ଏବଂ ବିରିପାଳ କ୍ରିକେଟ୍ ଟିମ୍ ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଫାଇନାଲ୍ ମ୍ୟାଚରେ ଅତ୍ୟନ୍ତ ରୋମାଞ୍ଚକ ମୁକାବିଲା ପରେ କଙ୍କଡ଼ାହାଡ଼ କ୍ରିକେଟ୍ ଟିମ୍ ବିଜୟ ହାସଲ କରିଥିଲା ଏବଂ ବିରିପାଳ କ୍ରିକେଟ୍ ଟିମ୍ ରନର୍ସଅପ୍ ହୋଇଥିଲା। ମୁଖ୍ୟଅତିଥି ଭାବେ ତେଲକୋଇ ବ୍ଲକ ସିରିଗିଡ଼ା ମଣ୍ଡଳ ବିଜେପି ସଭାପତି ପାଣ୍ଡବ ମହାନ୍ତ ଓ ବଳଭଦ୍ରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମାଇନ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଗ୍ରାମର ମୁଖିଆ କବିନ୍ଦ୍ର ସିଂହ ଓ ବିରିପାଳ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫକୀର ମୋହନ ମହାନ୍ତ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ସରୋଜ ନାୟକ ଓ କୁନା ସେଠୀ ଦାୟିତ୍ୱ ନେଇଥିଲେ। କ୍ଲବର ସମସ୍ତ ସଭ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।



